## ମିଗଜୋମ ସହାୟତା ପ୍ରଦାନରେ ଅନିୟମିତତା

# 'ଟଙ୍କା ଜମାଖାତାକୁ ଆସିଲେ ଧାରଣା ହଟିବ'

**ବରଗଡ଼, ୧୪।୩ (ସମିସ):** ମିଗଜୋମ ସହାୟତା ରାଶି ପ୍ରଦାନରେ ଅନିୟମିତତା ନେଇ ସଂଯୁକ୍ତ କୃଷକ ସଂଗଠନ ତରଫରୁ ବରଗଡ଼ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଲିଥିବା ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତିକ୍ରମେ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ମୁଖ୍ୟ କୃଷି କାର୍ଯାଳୟ ତାଲା ବନ୍ଦ ଆନ୍ଦୋଳନରେ ଗୁରୁବାର ଓଡିଶା ରାଜ୍ୟ କୃଷକ ସଂଗଠନ ଧାରଣାର ନେତୃତ୍ୱ ନେଇଥିଲେ। ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ମିଗଜୋମ ଜନିତ ଫସଲ ନଷ୍ଟ ହୋଇଥିବା ଆଲୋଚନା କରାଯାଇଥିଲା। ଏହି ଅବସରରେ ଦିଲ୍ଲୀ ରାମଲୀଲା ମୈଦାନରେ ଚାଲିଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଆନ୍ଦୋଳନ ସ୍ଥାନକୁ କୃଷି ଅଧିକାରୀ ଆସି ଗୋଟିଏ ସପ୍ତାହ ମଧ୍ୟରେ ଫସଲ ବୀମା ଟଙ୍କା ମିଳିବ ବୋଲି କହିଥିଲେ ବି କୃଷକମାନେ ଟଙ୍କା ଖାତାକୁ ନ ଆସିଲେ ଉଠିବୁ ନାହିଁ ବୋଲି ଜିଦ୍ ଧରିଛନ୍ତି। ଶୁକ୍ରବାର ଭେଡେନ ବ୍ଲକ କୃଷକ ସଂଗଠନ ନେତୃତ୍ୱରେ ଆନ୍ଦୋଳନ ଚାଲିବ ବୋଲି ଘୋଷଣା କରିଥିଲେ। ରମେଶ ମହାପାତ୍ର, ଉପେନ୍ଦ୍ର ଭୋଇ, ବୁଦ୍ଧାଦେବ ନନ୍ଦ, ଅଶ୍ୱିନୀ ତ୍ରିପାଠୀ, ଯୁଗଳ ସିଂ, ଟିକେଲାଲ ମିଶ୍ର, ଦଶରଥ ଭୋଇ, ଭରତ ମଲ୍ଲିକ, ଦେବେନ୍ଦ୍ର ସାହୁ, ସୁରେଶ କର୍ଣ୍ଣ, ରାଜେଶ ପଧାନ, ସଂଜୀବ ସାହୁ, ଉତ୍ତର ପଧାନ, କାଳିଆ ପଧାନ, ଦିଲୀପ ପଧାନ ପଦ୍ମଲୋଚନ ପଧାନ, ବବୁ ସାହୁ, ସୁରେଶ ନିକେଣ୍ଡି, ପ୍ରଶାନ୍ତ ସାହୁ, ସୁବାସ ପଧାନ ସମେତ ଶହ ଶହ ଚାଷୀ ଧାରଣା ବସିଥିଲେ।




## କୃଷିକ୍ଷେତ୍ରରେ ବିଜୁଳି ବିଲ୍ ଛାଡ଼ ଦାବି ସହ ଅନ୍ୟାନ୍ୟ ପ୍ରସଙ୍ଗ

# ଜୟ କିସାନ ଆନ୍ଦୋଳନର ଚାଷୀ ସମାବେଶ

**ବରଗଡ଼,୧୪।୩(ସମିସ)**

କୃଷିକ୍ଷେତ୍ରରେ ବିଜୁଳି ବିଲ୍ ଛାଡ ସହ ୫ ଦଫା ଦାବି ନେଇ ଗୁରୁବାର ଜୟକିସାନ ଆନ୍ଦୋଳନ ତରଫରୁ ବରଗଡ଼ରେ ବିଶାଳ ଚାଷୀ ସମାବେଶ ଆୟୋଜିତ



ହୋଇଯାଇଛି। ୧୨ଟି ଯାକ ବ୍ଲକରୁ ହଜାର ହଜାର ଚାଷୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ପୂର୍ବକ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚିଥିଲେ। କୃଷିକ୍ଷେତ୍ରରେ ବ୍ୟବହୃତ ବିଜୁଳି ବିଲ ଛାଡ ସହ ଘରୋଇ ବିଜୁଳି ବିଲ ୩ ଶହ ୟୁନିଟ ପର୍ଯ୍ୟନ୍ତ ଛାଡ କରାଯିବା, ଫସଲ ଥିବା ସମୟରେ ଚାଷୀଙ୍କ ଲାଇନ କଟା ନ ଯିବା, ସର୍ବନିମ୍ନ ସହାୟକ ଦରକୁ ଆଇନଗତ ମାନ୍ୟତା ଦେବା ସହ ସ୍ୱାମୀନାଥନ କମିଶନର ସୁପାରିଶ କ୍ରମେ ଫସଲର ମୂଲ୍ୟ ନିର୍ଦ୍ଧାରଣ, ଧାନର ସର୍ବନିମ୍ନ ସହାୟକ ଦର ଉପରେ ୧୦୦୦ ଟଙ୍କା ବୋନସ, କୃଷି ଋଣ ସଂପୂର୍ଣ୍ଣ ଛାଡ କରାଯିବା ଆଦି ଦାବି କରାଯାଇଥିଲା। ସଂଗଠନର ଜିଲ୍ଲା ସଭାପତି ସୁଶୀଲ ସାହୁଙ୍କ ସଂଚାଳନରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜୟକିସାନ ଆନ୍ଦୋଳନ ତରଫରୁ ଗତବର୍ଷଠାରୁ କ୍ରମାଗତ ଭାବେ ଟାଟା ପାୱାରର ଅତ୍ୟାଚାର ବିରୋଧରେ ଲଢେଇ ଜାରି ରହିଛି। ସଂଗଠନର ସାଧାରଣ ସଂପାଦକ ହର ବଣିଆଁ କହିଥିଲେ ଯେ ଚଳିତ ରବିରତୁର ଧାନ ବିକ୍ରି ସମୟରେ ଇଲେକ୍ଟ୍ରି ବିଲକୁ ବାଧ୍ୟତା ମୂଳକ କରାଯାଇଛି। ଧାନ ବିକ୍ରି ପାଇଁ ପଞ୍ଜୀକରଣ ସମୟକୁ ସୀମିତ କରାଯାଇଛି। ଏହାକୁ ନ ବଦଳାଇଲେ ବରଗଡ଼ ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ଚେତାବନୀ ଦେଇଥିଲେ। ଏ ଅବସରରେ ୫ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜୟକିସାନ ଆନ୍ଦୋଳନର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଂଗରାଜ, ଅତାବିରାରୁ ଅରୁଣ ପ୍ରଧାନ, ଭଞ୍ଜନ ବାରିକ, କୁନା ବେହେରା, ଜିତୁ ବେହେରା, ଭଟଲି ବ୍ଲକରୁ ମାନଭଞ୍ଜନ ପ୍ରଧାନ, ମିନିଷ୍ଟର ବାରିକ, ବିଜୟ ପ୍ରଧାନ, ଭେଡେନ ବ୍ଲକରୁ ମହେଶ୍ୱର ପ୍ରଧାନ, ବିଜେପୁର ବ୍ଲକରୁ ସୁବାସ ସାହୁ, ଅମ୍ବାଭୋନା ବ୍ଲକରୁ ଅଶୋକ ବିଶ୍ୱାଳ, ସୋହେଲା ବ୍ଲକରୁ ବୃନ୍ଦାବନ ନାୟକ, ତପୋବନ୍ତ ନାୟକ, ବରଗଡ଼ ବ୍ଲକରୁ ସରୋଜ ପ୍ରଧାନ, ସିଙ୍ଗି ସାହୁ, ବରପାଲିରୁ ଚଞ୍ଚଳ ପ୍ରଧାନ, ପାଇକମାଲ ବ୍ଲକରୁ ବିଶ୍ୱନାଥ ରଣା, ରାସବିହାରୀ ସାହୁ, ଝାରବନ୍ଧ ବ୍ଲକରୁ ବ୍ରଜମୋହନ ସାହୁ, ପଦ୍ମପୁର ବ୍ଲକରୁ ମିନକେତନ ସାହୁ ଯୋଗ ଦେଇଥିଲେ।

## ଚାଷୀ ଗରମ, ଏସ୍‌ଡିପିଓ ନରମ

**ବରଗଡ଼, ୧୪।୩ (ସମିସ):** ବରଗଡ଼ ସହରରେ ଜିଲ୍ଲାର ୧୨ଟି ବ୍ଲକ୍‌ରୁ ହଜାର ହଜାର ଚାଷୀ ଆସି ବିଭିନ୍ନ ଦାବିନେଇ ଶୋଭାଯାତ୍ରା କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସମାବେଶ କରିଥିଲେ। ପୂର୍ବରୁ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନକୁ ଲିଖିତ ଭାବରେ ଜଣାଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏସ ଡିପିଓ ପଦାରବିନ୍ଦ ତ୍ରିପାଠୀ ଏକାକୀ ଥିବାର ଦେଖାଯାଇଥିଲା। ନିଜେ ଭିତର ପଟରୁ ଗେଟ ବନ୍ଦ କରି କାଳେ କିଛି ଆଇନଶୃଙ୍ଖଳା ପରିସ୍ଥିତି ଦେଖାଦେବ, ସେନେଇ ଦୀର୍ଘ ଅଧ ଘଣ୍ଟା ସମୟ ଏକାକୀ ହଜାର ହଜାର ଚାଷୀଙ୍କୁ ବୁଝାଇ ରଖିଥିଲେ। ତାଙ୍କ ସାହସିକତା ଆଉ ଚାଷୀଙ୍କ ଏତେ ଉତ୍ତେଜନା ଭିତରେ ନରମ ଆଚରଣ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଏପରିକି ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା ହେଉଛି। ଅଧ ଘଣ୍ଟା ପରେ ଅନ୍ୟ ପୁଲିସ ଫୋର୍ସ ଆସି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ବରଗଡ଼ ଏସପି ପ୍ରହ୍ଲାଦ ମୀନା ଏସଡିପିଓଙ୍କୁ ଏହି କାର୍ଯ୍ୟଦକ୍ଷତା ପାଁ ପ୍ରଶଂସା କରିଥିବା ଜଣାପଡ଼ିଛି।



# ଜୈବିକ ଚାଷ ତାଲିମ ଶିବିର

**ପଦ୍ମପୁର, ୧୪।୩ (ସମିସ):** ଭିତ୍ତିଭୂମି ସେବା ସଙ୍ଗଠନ ଦ୍ୱାରା ପଦ୍ମପୁର କୃଷି କାର୍ଯ୍ୟାଳୟଠାରେ ୮ଟି ଗାଁରୁ ୨୮ଜଣ ଅଗ୍ରଣୀ ମହିଳା ଓ ପୁରୁଷ ଜୈବିକ ଚାଷୀଙ୍କୁ ନେଇ ଦ୍ୱିଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସୁସ୍ଥ ମାଟି, ଖାଦ୍ୟ, ରୋଗପୋକ ପରିଚାଳନା, ଅମଳର ପରବର୍ତ୍ତୀ ଯତ୍ନ ଏବଂ ସଂରକ୍ଷଣ ବିଷୟରେ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଦେଶୀ ବିହନ ସୁରକ୍ଷା ମଞ୍ଚର ଆବାହକ ସରୋଜ ଆଞ୍ଚଳିକ ସ୍ତରରେ ତାଲିମଦାତା ସୃଷ୍ଟି କରିବା ଏବଂ ଗାଁ ସ୍ତରରେ ଜୈବିକ ଚାଷୀଙ୍କୁ ପୁଷ୍ଟିଯୁକ୍ତ ଫସଲ ଖରିଫ ଚାଷର ଗୁରୁତ୍ୱ, ଚାଷ କାମରେ ମହିଳା ପୁରୁଷ ଚାଷୀଙ୍କର କାମରେ ସହଭାଗିତା ବିଷୟରେ ତାଲିମ ଦେଇଥିଲେ। ଶିବିରରେ ଉପଖଣ୍ଡ କୃଷି ଅଧିକାରୀ ଦିଲ୍ଲୀପ ସିଂ, ବିକାଶ ବେଶ୍ରା, ଶୁଭମ ରାଜୁ, ଝୁମି ମେହେର, ଦେଶୀ ବିହନ ସୁରକ୍ଷା ମଞ୍ଚରୁ ବ୍ୟାସଦେବ ବାରିକ, ଆବାହକ ସରୋଜ ଯୋଗଦେଇ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ସ୍ତରରୁ ନାରାୟଣ ସ୍ୱାଇଁ, ବାବୁଲୁ ବଗର୍ତ୍ତି, ସସ୍ମିତା ସାହୁ, ଭରତ ସାହୁ, ଦାଶରଥୀ ବେହେରା, ସୁଖଦେବ ସ୍ୱାଇଁ ଶିବିରାର୍ଥୀଙ୍କୁ ତାଲିମ ଦେଇଥିଲେ। ଏହି କର୍ମଶାଳାକୁ ରୋହିଣୀ, କୋମଳ ଲୋଚନ ଭୋଇ, ଉତ୍କଳ ସହଯୋଗ କରିଥିଲେ।




## ଦୁର୍ଘଟଣାରେ ଦିନ ମଜୁରିଆ ମୃତ

**ବରଗଡ଼,୧୪।୩(ସମିସ):** ବୁଧବାର ସଂଧ୍ୟାରେ ବରଗଡ଼ ଘୁଲିପାଲି ଛକରେ ସ୍ୱାସ୍ଥ୍ୟବିଭାଗର ଏକ ଗାଡ଼ି ଧକ୍କାରେ ଜଣେ ଦିନମଜୁରିଆଙ୍କ ମୃତ୍ୟୁ ଘଟିଛି। ମୃତ ଦିନ ମଜୁରିଆ ବରଗଡ଼ ପାତିକାରପଲ୍ଲୀର କେଲ ଗଡ (୪୭) ବୋଲି ଜଣାପଡିଛି। ମୃତ କେଲ ଗଡ ବରଗଡ଼ରେ କାମ କରି ସାଇକଲ ଯୋଗେ ଘରକୁ ଫେରୁଥିବା ବେଳେ ସୁନ୍ଦରଗଡ ଜିଲ୍ଲା ସ୍ୱାସ୍ଥ୍ୟବିଭାଗର ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଯାହାକୁ ନେଇ ତାଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କ ଅସହାୟ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ପୋଲିଙ୍ଗ ଓ ପ୍ରିଜାଇଡିଙ୍ଗ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର

**ବରଗଡ଼, ୧୪।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ସରଳ, ତ୍ରୁଟିଶୂନ୍ୟ ଏବଂ ନିରପେକ୍ଷ କରିବା ପାଇଁ ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ପୋଲିଙ୍ଗ ଏବଂ ପ୍ରିଜାଇଡିଙ୍ଗ ଅଧିକାରୀଙ୍କ ପାଇଁ ତାଲିମ୍ ଶିବିରର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋୟଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ତାଲିମ୍ ଶିବିର ମାର୍ଚ୍ଚ ୧୪ରୁ ୨୧ ତାରିଖ ପର୍ଯ୍ୟନ୍ତ ସରକାରୀ ପଲିଟେକ୍ନିକ୍, ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ, ଅଞ୍ଚଳ କଲେଜ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବିଜେପୁର ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ, ବିଜେପୁରରେ ଅନୁଷ୍ଠିତ ହେଉଛି। ପ୍ରଶିକ୍ଷଣରେ ଯୋଗ ଦେଇଥିବା ସମସ୍ତ ପୋଲିଙ୍ଗ ଓ ପ୍ରିଜାଇଡିଙ୍ଗ ଅଧିକାରୀଙ୍କୁ ସାଧାରଣ ନିର୍ବାଚନ ପରିଚାଳନା, ନିଜ ଦାୟିତ୍ୱ ନିର୍ଭୁଲ ଭାବରେ ତୁଲାଇ କିପରି ବ୍ୟବସ୍ଥିତ ଭାବେ ପ୍ରଦର୍ଶନ କେନ୍ଦ୍ରରୁ ବୁଥ୍ ପର୍ଯ୍ୟନ୍ତ ଯିବା ଓ ବୁଥ୍ ରେ କେଉଁ ଅଧିକାରୀଙ୍କ କଣ କଣ କାର୍ଯ୍ୟ ରହିବ, ଭୋଟ ଗ୍ରହଣ ଦିନ ଶାନ୍ତିଶୃଙ୍ଖଳା ସହ ଭୋଟଦାନ ପ୍ରକ୍ରିୟା, ସେକ୍ଟର ଅଧିକାରୀଙ୍କ ସହ ଯୋଗାଯୋଗ ରଖି ସୂଚନା ଦେବା, ଇଭିଏମ-ଭିଭିପ୍ୟାଟର ସଂଯୋଗ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଉଛି।



## ତିନି ଦଫା ଦାବିନେଇ ଆଜି ଲାଉମୁଣ୍ଡା ବନ୍ଦ ଡକରା

**ବରଗଡ଼, ୧୪।୩ (ସମିସ):** ଜାତୀୟକରଣ ବ୍ୟାଙ୍କ ପ୍ରତିଷ୍ଠା ସହ ତିନି ଦଫା ଦାବି ନେଇ ଶୁକ୍ରବାର ବିଜେପୁର ବ୍ଲକ ଲାଉମୁଣ୍ଡା ବନ୍ଦ ଡକରା ଦିଆଯାଇଛି। ଏନେଇ ବରଗଡ଼ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଲାଉମୁଣ୍ଡା ଗ୍ରାମପଞ୍ଚାୟତବାସୀଙ୍କ ତରଫରୁ ପ୍ରଦାନ କରାଯାଇଥିବା ଏହି ସ୍ମାରକପତ୍ରରେ ଲାଉମୁଣ୍ଡାରେ ଏକ ଜାତୀୟକରଣ ବ୍ୟାଙ୍କ ପ୍ରତିଷ୍ଠା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ କର୍ମଚାରୀ ନିଯୁକ୍ତି ଏବଂ ଲାଉମୁଣ୍ଡାରେ ଏକ ଫାଣ୍ଡି ପ୍ରତିଷ୍ଠା କରାଯିବାକୁ ଦାବି କରାଯାଇଛି। ନଚେତ ଆଗାମୀ ଦିନରେ ଭୋଟ ବର୍ଜନ କରାଯିବାକୁ ଚେତାବନୀ ଦିଆଯିବା ସହ ଶୁକ୍ରବାର ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଲାଉମୁଣ୍ଡା ବନ୍ଦ କରାଯିବ ବୋଲି ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ ୧୦ ହଜାର ବିଶିଷ୍ଟ ଲାଉମୁଣ୍ଡା ଗ୍ରାମପଞ୍ଚାୟତରେ ଏନେଇ ଦୀର୍ଘ ଦିନରୁ ଦାବି ହେଉଥିବା ବେଳେ ତାହା ଏ ଯାଏଁ ପୂରଣ ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି।

# ଦିବାରାତ୍ର ଭଲିବଲ: ପାଟସେନ୍ଦ୍ରି ଚାମ୍ପିଅନ

**ବରଗଡ଼,୧୪।୩(ସମିସ):** ବରଗଡ଼ ସଦର ବ୍ଲକ ବରାହଗୋଡ଼ା ପଞ୍ଚାୟତ ଆମ୍ବସଡ଼ା ଆଦର୍ଶ ପାଠାଗାର ଭଲିବଲ ସଂଘ ଆନୁକୂଲ୍ୟରେ ୨୯ତମ ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଡଗାଁ, ଆମ୍ବସଡ଼ା, ଡୁଙ୍ଗୁରିପାଲି, ଲଚିଦା, ପାଟସେନ୍ଦ୍ରି, ବଲାଙ୍ଗିର, ରାୟଗଡ଼ା ଆଦି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମୁକାବିଲା ପାଟସେନ୍ଦ୍ରି ଓ ରାୟଗଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଟସେନ୍ଦ୍ରି ଦଳ ୨.୦ ସେଟ୍‌ରେ ରାୟଗଡ଼ାକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ସୁରେଶ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଖେଳାଳି ନରେନ୍ଦ୍ର ଭୁଏ, ଟେକଧର ଭୁଏ, ତରଣି ବାରିକ, ସୁଧୀର ପ୍ରଧାନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆଦର୍ଶ ପାଠାଗାରର ରଘୁନାଥ ସାହୁ, କେଶବ ଭୋସାଗର, ଗଗନ ପ୍ରଧାନ, ଅମନ ପ୍ରଧାନ, ଲଳିତ ଭୋଇ, ଶଶିକାନ୍ତ ଭୋଇ, ସରଗମ ସେଠ୍, ଲୋକନାଥ ମହାନନ୍ଦ, ଲକ୍ଷପତି ପ୍ରଧାନ, ମଦନ ଭୁଏ, ବଳବନ୍ତ ଭୁଏ ସମେତ ସଦସ୍ୟ ସହଯୋଗ କରିଥିଲେ।



## ଫଟାମୁଣ୍ଡା ସ୍କୁଲ ଅନିୟମିତତା

## ବଦଳିଲେ ପ୍ରଧାନଶିକ୍ଷୟିତ୍ରୀ

**ପଦ୍ମପୁର, ୧୪।୩ (ସମିସ):** ପଦ୍ମପୁର ଉପଖଣ୍ଡ ଫଟାମୁଣ୍ଡା ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟକୁ ନ ଆସି ନିଜପୁଅକୁ ପାଠ ପଢାଇବାକୁ ପଠାଉଥିଲେ। ଆର୍ଥିକ ଅନିୟମିତତା ଆଦି ସଂପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ସମ୍ପୃକ୍ତ ପ୍ରଧାନଶିକ୍ଷୟିତ୍ରୀ ଗିରିଜା ଗିରିଙ୍କୁ ସରକାରଙ୍କ ପତ୍ରସଂଖ୍ୟା ୬୮୫ରେ ଚାରପାଲିକୁ ସ୍ଥାନାନ୍ତରିତ କରାଯାଇଛି। ଅପରପକ୍ଷରେ, ଚାରପାଲି ପ୍ରଧାନଶିକ୍ଷୟିତ୍ରୀ ପ୍ରମିଳା ମହାନନ୍ଦଙ୍କୁ ଫଟାମୁଣ୍ଡା ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି। ବିଭାଗୀୟ ଏବିଇଓ ବିଦ୍ୟାଳୟ ଉକ୍ତ ସ୍କୁଲକୁ ପରିଦର୍ଶନ କରି ଛାତ୍ରଛାତ୍ରୀ ଓ କେତେକ ଅଭିଭାବକଙ୍କୁ ପଚରାଉଚରା କରିବା ସହ ତଦନ୍ତ କରିଥିଲେ। ତଦନ୍ତର ସତ୍ୟତା ଆଧାରରେ ଶିକ୍ଷା ବିଭାଗ ଏହି ପଦକ୍ଷେପ ନେଇଛି। ତେବେ, ପ୍ରତ୍ୟେକ ବିଦ୍ୟାଳୟର ଅନିୟମିତତାକୁ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେଲେ ଶିକ୍ଷା ବିଭାଗରେ ଏକ ବଡ ପରିବର୍ତ୍ତନ ହେବ ବୋଲି ଚର୍ଚ୍ଚା ହେଉଛି।

## 'ହିରୋ ଏକ୍ସଟ୍ରିମ୍ ୧୨୫ ଆର୍' ଶୁଭାରମ୍ଭ

**ପାଇକମାଲ, ୧୪।୩ (ସମିସ):** ସାଇ ଅଟୋ ମାଣ୍ଡ୍ରୋସିଲ ଆନୁକୂଲ୍ୟରେ ହିରୋ କମ୍ପାନୀର ନୂଆ 'ଏକ୍ସଟ୍ରିମ୍ ୧୨୫ ଆର୍' ଗୁରୁବାର ନୃସିଂହନାଥଠାରେ ଲଞ୍ଚ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ପାଇକମାଳ ଥାନା ଆଇଆଇସି ସୁଶାନ୍ତ ବଡ଼େଇ, ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଉଦଘାଟନ କରିଥିଲେ। ହିରୋ ମୋଟର୍ସ ଏରିଆ ମ୍ୟାନେଜର ବ୍ରଜକିଶୋର ମିଶ୍ର, ସେଲ୍ସ ମ୍ୟାନେଜର କିଶନ ଅଗ୍ରୱାଲ, ସାଇ ଅଟୋ ମାଣ୍ଡ୍ରୋସିଲର ଆୟୁଷ ଅଗ୍ରୱାଲ ପ୍ରମୁଖ ଏହି ନୂତନ ବାଇକ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




## ଶୀତଳଷଷ୍ଠୀ ମହୋତ୍ସବ ପକ୍ଷରୁ ହରିହର ଭେଟ ପ୍ରସ୍ତୁତି

**ବରପାଲି, ୧୪।୩ (ସମିସ):** ବରପାଲି ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବ ପକ୍ଷରୁ ନୃପରାଜ କ୍ଲବ ଭଣ୍ଡାର ଗୃହରେ ହରିହର ଭେଟଘାଟ ପ୍ରସ୍ତୁତି ସମ୍ପର୍କରେ ଏକ ସାଧାରଣ ବୈଠକ ହୋଇଯାଇଛି। ଷଷ୍ଠୀ ଯାତ୍ରା କମିଟି ସଭାପତି ଆନନ୍ଦ ବାବୁଙ୍କ ଅଧ୍ୟକ୍ଷତାରେ ବୈଠକ ପରିଚାଳିତ ହୋଇଥିଲା। ଚଳିତବର୍ଷ ୫୪ତମ ହରିହର ଭେଟଘାଟ କାର୍ଯ୍ୟକ୍ରମର ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କଲାପରେ ସମ୍ପାଦକ ଜୟନ୍ତ ତ୍ରିପାଠୀ ଆୟବ୍ୟୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ହରି-ହରଙ୍କ ପାଲିଙ୍କି ଯାତ୍ରା ନିର୍ଦ୍ଧାରିତ ସମୟରେ ବାହାରି ସହର ପରିକ୍ରମା କରି ସ୍ଥାନୀୟ ଦୈନିକ ବଜାର ସମ୍ମୁଖରେ ପହଞ୍ଚିବ।



ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା ହୋଇ ହରି ଓ ହର ଦେବଙ୍କ ଭେଟ୍ ପର୍ବ ଆୟୋଜନ ଉପରେ ଆଲୋଚନା ହୋଇଥିଲା। ପରେ ରାତ୍ର ସମୟରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନୂତନ ପଞ୍ଜିକା ପଠନ କରାଯାଇଥିଲା। ସେହିପରି କପିଳେଶ୍ୱର ବାବାଙ୍କ ମନ୍ଦିରରେ ରୌପ୍ୟ ଲିଙ୍ଗ, ବାବାଙ୍କ ସିଂହାସନ ତଥା ମନ୍ଦିରର ମରାମତି କାର୍ଯ୍ୟ ସଂକ୍ରାନ୍ତରେ ମଧ୍ୟ ଆଲୋଚନା ହୋଇଥିଲା। ପ୍ରସ୍ତୁତ ହେଉଥିବା ରୁଦ୍ରଜ୍ୟୋତି ସ୍ମରଣିକାର ଲେଖକଙ୍କ ଲେଖା ଗ୍ରହଣ ଶେଷ ସମୟ ଏପ୍ରିଲ ୩୦ ତାରିଖ ରଖାଯାଇଥିବା ବେଳେ ଶିବ ବାବାଙ୍କ ଆଧାରିତ ଲେଖା ମାନ ଗ୍ରହଣ ଯୋଗ୍ୟ ବୋଲି ରୁଦ୍ରଜ୍ୟୋତି ଆବାହକ ଅରୁଣ ପଣ୍ଡା ସୂଚନା ଦେଇଥିଲେ। ହରିହର ଭେଟସ୍ଥଳରେ ପର୍ଯ୍ୟାପ୍ତ ପରିମାଣର ଆଲୋକ, ପୁଲିସ ବାହିନୀ ଓ ପ୍ରଶାସନର ସୁବ୍ୟବସ୍ଥା ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। କମିଟିର ଲାଲବିକ୍ରମ ସିଂଦେଓ, ବିକ୍ରମ ସାହୁ, ସଦାନନ୍ଦ ଦାସ, ପ୍ରଦୀପ ଦାଶ, ପ୍ରଶାନ୍ତ ସାହୁ, ଅରୁଣ ପଣ୍ଡା, ଚନ୍ଦନ ସାହୁ, ସରୋଜ ତ୍ରିପାଠୀ, ହେମନ୍ତ ମିଶ୍ର, ଅଶୋକ ଦାସ,ରାଜେନ୍ଦ୍ର ପୂଜାରୀ, ସଦାନନ୍ଦ ଶତପଥି, ବିନୋଦ ସୁଣାରୀ, ଜୟ ମିଶ୍ର, ହରିହର ସାହୁ, ଜୀବନ ମହାପାତ୍ର, ବିଭୂତି ସାହୁ, ଶେଷଦେବ ଦେବତା, ବାଳ କିଶୋର ଖଡ଼ାଙ୍ଗା, ପଦ୍ମଲୋଚନ ସାହୁ, ଚିତ୍ତରଂଜନ ସାହୁ, ଦେବେନ୍ଦ୍ର ସାହୁ, ଲିପନ ଦାଶ , ଫିରୋଜ ନାଏକ, ଶିବ ନାଏକ, ସତ୍ୟମ ପୃଷ୍ଟି ମତ ଦେଇଥିଲେ।

## ଭଟଲି ନୂତନ ମାଉସୀ ମାଁ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ

# ଚତୁର୍ଥ ଦିନରେ ରୁଦ୍ର ହୋମ

**ଭଟଲି, ୧୪।୩(ସମିସ)**

ପଶ୍ଚିମ ଓଡିଶାର ଶ୍ରୀକ୍ଷେତ୍ର ପବିତ୍ର ଭଟଲି ଧାମର ବହୁ ପ୍ରତୀକ୍ଷିତ ନୂତନ ମାଉସୀ ମାଁ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ସୋମବାରଠାରୁ ଆରମ୍ଭ ହୋଇ ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି। ୧୭ ତାରିଖ ରବିବାର ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଷ୍ଠା ମହୋତ୍ସବରେ ଗୁରୁବାର ମଣ୍ଡପ ଦେବତା, ଲକ୍ଷ୍ମୀନାରାୟଣ ପ୍ରାଣ ପ୍ରତିଷ୍ଠା, ମନ୍ଦିର ନ୍ୟାସ, ଶୋଧନ, ରୁଦ୍ରହୋମ ତଥା ସୂର୍ଯ୍ୟ ହୋମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଟିକେଶ୍ୱର ମହାପାତ୍ର, ନେହେରୁଲାଲ ଶତପଥୀ, ଜୟଦେବ ପଣ୍ଡା, ଗୋକୁଳେଶ୍ୱର ରଥ, ବେଣୁଧର ମହାପାତ୍ର, ରାଜେଶ ମିଶ୍ର, ରୋହିତ ରଥ, ଗୌରଚନ୍ଦ୍ର ରଥ, ଭୋଗେନ୍ଦ୍ର ପଣ୍ଡା, ରବିଲାଲ ଶତପଥୀ, ସୁରେନ୍ଦ୍ର ଦାସ, ବିଷ୍ଣୁ ମହାପାତ୍ର, ରିଙ୍କୁ ପଣ୍ଡା, ବାଚସ୍ପତି ରଥ, ଲଳିତ ରଥ, ସଂସାର ପଣ୍ଡାଙ୍କ ତତ୍ତ୍ୱାବଧାନରେ



ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରତାପ ମହାପାତ୍ର ଓ ଆନନ୍ଦ ମହାପାତ୍ର ସହଯୋଗ କରିଥିଲେ। ଯଜ୍ଞରେ କର୍ତ୍ତା ଭାବେ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ପରମଭକ୍ତ ପରମାନନ୍ଦଙ୍କ ବଂଶଜ ସରୋଜ କୁମାର ସାହୁ ଏବଂ ତାଙ୍କ ପତ୍ନୀ ମିନାକ୍ଷୀ ସାହୁ କାର୍ଯ୍ୟ ନିର୍ବାହ କରିଥିଲେ। ଭକ୍ତଙ୍କ ପାଇଁ ଅନ୍ନଛତ୍ରର ବ୍ୟବସ୍ଥା ହୋଇଥିଲା। କୁସନପୁରୀ ସମ୍ବଲପୁରୀ ହବ ତରଫରୁ ଲାଲ ମେହେର ସମସ୍ତ ଖର୍ଚ୍ଚ ବହନ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶଚନ୍ଦ୍ର ନାଏକ ପ୍ରତିଷ୍ଠା ମହୋତ୍ସବ ଆୟୋଜନର ତଦାରଖ କରିଥିଲେ। ଶ୍ରୀ ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ଶ୍ରୀକ୍ଷେତ୍ର ପୁରୀରୁ ଆସିଥିବା କଥାବାଚକ ସୀତାରାମ ଦାସଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହୋଇଥିବା ବେଳେ ସଂଧ୍ୟାରେ ଶ୍ରୀଧାମ ବୃନ୍ଦାବନରୁ ଆସିଥିବା କଥା ବାଚିକା ସ୍ତୁତି ଦିଦିଙ୍କ ଦ୍ୱାରା ଯଜ୍ଞ ମଣ୍ଡପ ପାଖରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାତ୍ରିରେ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସୁକୁଡାର କଳାକାରଙ୍କ ଦ୍ୱାରା ଏକ ସମ୍ବଲପୁରୀ ନାଟକ ଭଟଲି ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ଉପରେ ଆଧାରିତ 'ଗାଆଁର ନା ଭଟଲି ଦଧିବାମନର ଭଟଲି' ପରିବେଷଣ କରାଯାଇଥିଲା। ବସଷ୍ଟାଣ୍ଡ ପେଣ୍ଡାଲରେ ରେମେଣ୍ଡାର ଅକ୍ଷୟ କୁମ୍ଭାର ଓ ସାଥୀ କୃଷ୍ଣଗୁରୁ ଭଜନ ପରିବେଷଣ କରିଥିଲେ।

## ପାଣିପାଗରେ ପରିବର୍ତ୍ତନ

# ଆମ୍ବଚାଷ ପ୍ରଭାବିତ, କ୍ଷତିରେ ଚାଷୀ

**ସମ୍ବଲପୁର, ୧୪।୩ (ସମିସ)**

ଚଳିତବର୍ଷ ମଧ୍ୟ ଆମ୍ବ ଚାଷୀଙ୍କୁ ଧକ୍କା ଦେଇଛି ଅଦିନିଆ ବର୍ଷା ଓ କୋହଲାପାଗ। ପାଣିପାଗର ଏପରି ପରିବର୍ତ୍ତନ ଯୋଗୁ ଆମ୍ବ ବଉଳ ଓ ଫଳ ନଷ୍ଟ ହୋଇଯାଇଛି। ଅମଳ କମିବ ଓ ଚାଷୀ କ୍ଷତିରେ ରହିବେ ବୋଲି ଆଶଙ୍କା ସୃଷ୍ଟି ହେଲାଣି। ସମ୍ବଲପୁର ଜିଲ୍ଲା ଧାନ ସମେତ ପନିପରିବା ଓ ଫୁଲଫଳ ଉତ୍ପାଦନ କରିବାରେ ଖ୍ୟାତି ଅର୍ଜନ କରିଛି। ଏବେ ରାଜ୍ୟ ସରକାରଙ୍କ ଉଦ୍ୟମକ୍ରମେ ମହିଳା ଚାଷୀମାନେ ମଧ୍ୟ ଚାଷ କରିବାକୁ ଆଗକୁ ଆସିଛନ୍ତି। କୃଷି ଉଦ୍ୟାନ, କୃଷି ଓ ବିଭିନ୍ନ ବିଭାଗ ସହଯୋଗରେ ଚାଷୀ ସଂଖ୍ୟା ଓ ଚାଷ ଜମିର ପରିମାଣ ବୃଦ୍ଧି ପାଇଛି। ରବି ଓ ଖରିଫ୍‌ରେ ବିଭିନ୍ନ ପ୍ରକାର ଚାଷ ହୋଇଥାଏ। ଜିଲ୍ଲାରୁ ଅନେକ ଫଳ ଓ ପନିପରିବା ବାହାର ରାଜ୍ୟକୁ ମଧ୍ୟ ରପ୍ତାନୀ ହେଉଛି। ତନ୍ମଧ୍ୟରୁ ସମ୍ବଲପୁର 'ଆମ୍ବ'ର ସ୍ୱତନ୍ତ୍ର ଚାହିଦା ରହିଛି। ଦିଲ୍ଲୀ ବଜାରରେ ସମ୍ବଲପୁରର ଆମ୍ବ ଗ୍ରାହକମାନେ ଆଗ୍ରହର ସହ କିଣିଥାନ୍ତି। ତେବେ ଏବେ ବସନ୍ତ ଋତୁରେ ପାଗରେ ପରିବର୍ତ୍ତନ ହୋଇଥିବାରୁ ଉପଯୁକ୍ତ ତଥା ଉନ୍ନତମାନର ଆମ୍ବ ଉତ୍ପାଦନରେ ଏହାର ପ୍ରଭାବ ପଡ଼ିବ ବୋଲି ଚାଷୀମାନେ ଚିନ୍ତା ବ୍ୟକ୍ତ କରିଛନ୍ତି। ପ୍ରାୟ ପ୍ରତିଦିନ କୁହୁଡ଼ି ହେଉଥିବା ଯୋଗୁଁ ଏହାର ସିଧାସଳଖ ପ୍ରଭାବ ଆମ୍ବ ଫଳ ଉପରେ ପଡ଼ିଛି। ଆମ୍ବ ବଉଳ ଯେତିକି ମାତ୍ରାରେ ହୋଇଥିଲା ସେସବୁ ଝଡ଼ିଯାଉଛି ବୋଲି ଚାଷୀ ବେଦପ୍ରକାଶ



ବିଶ୍ୱାଳ କହିଛନ୍ତି। ସେ ୩ଏକର ଜମିରେ ଆମ୍ବ ଚାଷ ସହିତ ପନିପରିବା ଓ ତରଭୁଜ ଚାଷ କରିଛନ୍ତି। ହେଲେ ପାଣିପାଗ ପରିବର୍ତ୍ତନ ହୋଇ କୁହୁଡ଼ି ଯୋଗୁଁ ଆମ୍ବ ଚାଷ ପ୍ରଭାବିତ ହୋଇଛି। ବିଭିନ୍ନ ରୋଗପୋକ ଲାଗିଛନ୍ତି। ଟ୍ରିକମ ଫିଙ୍ଗସ ବା ଜୀବାଣୁଙ୍କ ଆମ୍ବଗଛ ଓ ବଉଳରେ କଳା ଦାଗ ସୃଷ୍ଟି ହୋଇଛି। ଏଥିଯୋଗୁଁ ଆମ୍ବ ବଉଳ କଳା ପଡ଼ିଯାଏ। ଆମ୍ବଗଛର କଅଁଳିଆ ଡ଼ାଳରୁ ମିଠା ଅଂଶ ଶୋଷି ନିଅନ୍ତି। ଗଛର ଯେଉଁ ଅଂଶରେ ଜୀବାଣୁ ଶୁଙ୍ଘ ମାରନ୍ତି, ସେହି ସ୍ଥାନରେ କଳାଦାଗ ପଡ଼ିଥାଏ। ଅନ୍ୟପକ୍ଷରେ ଆମ୍ବଗଛରେ ଏହି ପୋକ ବା ଜୀବାଣୁ ମଳତ୍ୟାଗ ମଧ୍ୟ କରନ୍ତି। ଏହାକୁ ନେଇ କେହି କେହି ରୋଗପୋକ ମୁକ୍ତ ଲାଗି ସିଞ୍ଚନ ଜରୁରୀ କୁହୁଡ଼ି ପ୍ରଭାବରେ ବଂଶବୃଦ୍ଧି କରନ୍ତି ଜୀବାଣୁ କରୁଥିବା ବେଳେ କୁହୁଡ଼ିର ପ୍ରଭାବ ଯୋଗୁଁ ଏଭଳି ହୋଇଥିବା ଆମକୁ ବିଶେଷଜ୍ଞମାନେ କହିଥିଲେ। କୁହୁଡ଼ି, ବର୍ଷା, ପବନ ହେବାରୁ ଆମ୍ବ ବଉଳ ନଷ୍ଟ ହେବାର ପ୍ରମୁଖ କାରଣ ବୋଲି କହିଛନ୍ତି। କୁହୁଡ଼ିଆ ପାଗରେ ଜୀବାଣୁ ବଂଶବୃଦ୍ଧି କରିଥାନ୍ତି। ଏହାର ପ୍ରତିକାର ବ୍ୟବସ୍ଥା ସ୍ପ୍ରେ ସିଞ୍ଚନ କରାଯାଇଥିଲା କିଛି ମାତ୍ରାରେ ଆମ୍ବ ବଉଳ ପୋକ ଓ ରୋଗମୁକ୍ତ ହୋଇଥିଲା। ହେଲେ ମଧ୍ୟ ଆମ୍ବ ଉତ୍ପାଦନ କମିଥାଏ ବୋଲି କହିଥିଲେ। ଜିଲ୍ଲାର ସମସ୍ତ ବ୍ଲକରେ ଆମ୍ବଚାଷୀମାନେ ପ୍ରଭାବିତ ହୋଇଛନ୍ତି। ସୂଚନାଯୋଗ୍ୟ, ଆମ୍ବଚାଷ ପାଇଁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ଚାଷୀଙ୍କୁ ଋଣ, କୃଷି ଯନ୍ତ୍ରପାତିରେ ରିହାତି, ତାଲିମ ପ୍ରଦାନ, ଚାରା ଯୋଗାଇ ଦେଉଛନ୍ତି। ସେହିପରି ଅମଳ ଫସଲ ବିକ୍ରି କରିବା ପାଇଁ ସମ୍ବଲପୁର ସହରରେ ଚାଷୀମାନଙ୍କୁ ନେଇ ଆମ୍ବ ପସରା ଖୋଲା ଯାଇଥାଏ। ଓରମାସ ଓ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ସମ୍ବଲପୁର ଆମ୍ବକୁ ଦିଲ୍ଲୀ ପର୍ଯ୍ୟନ୍ତ ରପ୍ତାନି କରାଯାଏ। ତେବେ ପାଗରେ ଏପରି ପରିବର୍ତ୍ତନ ଯୋଗୁ ଚାଷୀମାନେ କ'ଣ କରିବେ ଚିନ୍ତା କରିପାରୁ ନାହାନ୍ତି।

## ବୁଢ଼ି ଅଞ୍ଚଳବାସୀଙ୍କ ଭୋଟ୍ ବର୍ଜନ ଚେତାବନୀ

**ସମ୍ବଲପୁର, ୧୪।୩(ସମିସ):** ସମ୍ବଲପୁର ଜିଲ୍ଲା ଧନକଡ଼ା ବ୍ଲକ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତର ବୁଢ଼ିଅଞ୍ଚଳ ସଂଗ୍ରାମ ସମିତି ପକ୍ଷରୁ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଆଜି ଜିଲ୍ଲାପାଳ ଅଫିସ ଆସି ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ ଅଭିଯୋଗ କରିଛନ୍ତି, ବସନ୍ତପୁର ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର, ସାହାଜବାହାଲ, ଗଡ଼ମୁଣ୍ଡା, ରେଙ୍ଗାଲିପାଲି, ଡାଲପଦର, ପାପଡେରା, ଭାଲୁଗୁଡ଼ିଆ, କୁଣ୍ଡାମାଳ ଭଳି ୮ଟି ଗ୍ରାମବାସୀଙ୍କ ସ୍ଥାୟୀ ସମାଧାନ ହୋଇପାରୁ ନାହିଁ। ସରକାରଙ୍କ ଭୁଲ୍ ନିଷ୍ପତ୍ତି ଯୋଗୁଁ ନିଜ ପୈତୃକ ସମ୍ପତ୍ତିରେ ଏକ ପ୍ରକାର ଅଭିଶପ୍ତ ଜୀବନ ବିତାଉଛନ୍ତି। ତିନିପୀଢ଼ିର ବଂଶଧର ନ୍ୟାୟ ଅପେକ୍ଷାରେ କାଳ କାଟୁଛନ୍ତି। ହୀରାକୁଦ ନଦୀବନ୍ଧ ନିର୍ମାଣ ସମୟରେ ଓଡ଼ିଶା ସରକାର ୧୯୪୬ ମସିହାରେ ବସନ୍ତପୁର ପଞ୍ଚାୟତର ୬ଟି ମୌଜାର ୩୪୫.୨୪ ଏକର ଜମିକୁ ଅଧିଗ୍ରହଣ କରିଥିଲେ। ଚିପିଲିମାରେ ବିସ୍ଥାପିତ ମାନଙ୍କୁ ଜମି ଯୋଗାଇ ଦେଇ ଚାଷ କରିବାକୁ କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ଉକ୍ତ ଚାଷ ଉପଯୋଗୀ ଜମିକୁ ଜବରଦଖଲକାରୀ ହିସାବରେ ଜରିମାନା ଆଦାୟ କରାଗଲା। ସରକାର ବସନ୍ତପୁର ବୁଢ଼ିଅଞ୍ଚଳବାସ ବାସୀଙ୍କର ସମସ୍ୟାରେ ପ୍ରାୟ ସମାଧାନ କରୁଛନ୍ତି। ହେଲେ ଏହି ଅଞ୍ଚଳର ଚାଷୀ ମାନଙ୍କୁ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ଜବରଦଖଲକାରୀ ଭାବେ ଦର୍ଶାଯାଇଛି। ଯଦଦ୍ୱାରା ଚାଷୀ ନିଜର ଅମଳ ଧାନକୁ ସର୍ବନିମ୍ନ ଦରରେ ଦଲାଲମାନଙ୍କୁ ବିକ୍ରି କରିବା ପାଇଁ ବାଧ୍ୟ ହେଉଛନ୍ତି। ସମସ୍ୟାକୁ ନେଇ ବାରମ୍ବାର ସରକାର, ଜିଲ୍ଲାପାଳ, ମୁଖ୍ୟଶାସନ ସଚିବ, ରାଜସ୍ୱ ମନ୍ତ୍ରୀ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ, ଯୋଗାଣ କମିସନରଙ୍କୁ ବାରମ୍ବାର ଲିଖିତ ଅନୁରୋଧ କରିଛନ୍ତି। ୧୯୮୯ ମସିହାରେ ରାମଚନ୍ଦ୍ର ରାଜାଙ୍କ ଅଧକ୍ଷତାରେ ଗଠିତ ସରକାରୀ ଏକ କମିଟି ଏହି ଅଞ୍ଚଳ ପରିଦର୍ଶନ କରିଥିଲେ। କମିଟି ବିସ୍ତୃତ ତର୍ଜମା କରିବା ପରେ ଉକ୍ତ ଜମିକୁ ଚାଷୀମାନଙ୍କୁ ଫେରସ୍ତ କରିବାକୁ ସରକାରକୁ ପ୍ରସ୍ତାବ ଦେଇଥିଲେ। ମାତ୍ର ପରିତାପର ବିଷୟ କମିଟିର ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଉ ନାହିଁ। ଚାଷବାସ ଓ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଆଜି ପର୍ଯ୍ୟନ୍ତ ଏହାର କୌଣସି ସମାଧାନନ ହେବାରୁ ବସନ୍ତପୁର ଗ୍ରାମପଞ୍ଚାୟତବାସୀ ଅଗାମୀ ନିର୍ବାଚନକୁ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ସଭାପତି ରାମ ନାରାୟଣ ପଣ୍ଡା, ରାହାସ ବିହାରୀ ପଣ୍ଡା, ସୁରେଶ ଛନ୍ଦ, ତ୍ରିଲୋଚନ ପ୍ରଧାନ, ଅଶୋକ କୁମାର ପଣ୍ଡା ବୁଢ଼ି ଅଞ୍ଚଳ ସଂଗ୍ରାମ ସମିତିର ସମ୍ପାଦକ ରାଜେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ବସନ୍ତପୁର ପଞ୍ଚାୟତ**



## ବିଜୁ ସେତୁ ଶିଳାନ୍ୟାସ କଲେ ବିଧାୟକ



**ଝୁଝୁମୁରା,୧୪।୩(ସମିସ):** ଝୁଝୁମୁରା ବ୍ଲକ ଅନ୍ତର୍ଗତ କେଶାପାଲି ପଞ୍ଚାୟତର ଅଇଁଲାଝରଣ ଗ୍ରାମକୁ ପିଡବ୍ଲୁଡି ରାସ୍ତାରୁ ସଂଯୋଗ କରୁଥିବା ଗ୍ରାମ ରାସ୍ତା ଉପରେ ଥିବା ନାଳ ଉପରେ ବ୍ରିଜ ନିର୍ମାଣ ପାଇଁ ଆଜି ଶିଳାନ୍ୟାସ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ ଏହାର ଶିଳାନ୍ୟାସ କରିଥିଲେ। ଏହା ବିଜୁ ସେତୁ ଯୋଜନାରେ ସାମିଲ କରାଯାଇଛି। ୫ କୋଟି ୪୨ ଲକ୍ଷ ୫୯ ହଜାର ଟଙ୍କା ବ୍ୟୟ ଅଟକଳ ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବ୍ରିଜ ନିର୍ମାଣ କାମ ହେବ। ଏହି ସେତୁ ନିର୍ମାଣ ହୋଇଗଲେ ବହୁ ଦିନର ଦାବି ପୂରଣ ହେବ। ଅଞ୍ଚଳବାସୀଙ୍କ ଗମନା ଗମନରେ ସୁବିଧା ହେବ। ୨୦ ଅଧିକ ଗ୍ରାମବାସୀ ଉପକୃତ ହୋଇପାରିବେ। ଲୋକଙ୍କ ଦାବି ନେଇ ଏକ ସେତୁ ନିର୍ମାଣ କରିବାକୁ ବିଧାୟକ ପୂଜାରୀ ଗ୍ରାମ୍ୟଉନ୍ନୟନ ବିଭାଗକୁ ଚିଠି କରିଥିଲେ।

## କୁଚିଣ୍ଡାରେ ଖୋଲିବ ଆଇଟିଆଇ

# ୧୪କୋଟିରୁ ଊର୍ଦ୍ଧ୍ୱ ଅନୁଦାନ ଘୋଷଣା କଲେ ରାଜ୍ୟ ସରକାର

**କୁଚିଣ୍ଡା, ୧୪।୩(ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଆଦିବାସୀ ଉପଖଣ୍ଡର ଗରିବ ଶିକ୍ଷିତ ଯୁବକ ଯୁବତୀ ମାନେ ବୈଷୟିକ ଶିକ୍ଷାର ଅଭାବ ଯୋଗୁଁ ପାଠ ପଢ଼ି ବେକାର ହୋଇଯାଉଛନ୍ତି। ଏହାକୁ ଦୃଷ୍ଟି ରଖି କୁଚିଣ୍ଡାରେ ଏକ ଆଇଟିଆଇ ଖୋଲିବା ପାଇଁ ଜନସାଧାରଣ ତଥା କୁଚିଣ୍ଡା ବିକାଶ ଅଭିଯାନର ସଦସ୍ୟମାନେ ଦାବି କରିଆସୁଥିଲେ। ରାଜ୍ୟ ସରକାର ଏହା ଜାଣିବା ପରେ କୁଚିଣ୍ଡାରେ ଆଇଟିଆଇ ଖୋଲିବା ପାଇଁ ୧୪ କୋଟି ୧୦ ଲକ୍ଷ ୯୮ ହଜାର ଟଙ୍କା ଅନୁଦାନ ରାଶି ଘୋଷଣା କରିଛନ୍ତି। ସ୍ଥାନୀୟ ପ୍ରଶାସନ, ଜିଲ୍ଲା ପ୍ରଶାସନ ପକ୍ଷରୁ କୁଚିଣ୍ଡା ସହର ବାଇପାସ୍ ରାସ୍ତାରେ ଏଥିପାଇଁ ଜମି ଚିହ୍ନଟ କରାଯାଇଥିଲା। ଚଳିତବର୍ଷ ଠାରୁ ଛାତ୍ରଛାତ୍ରୀ ଏଠାରେ ନାମ ଲେଖାଇ ପଢ଼ିବାର ସୁଯୋଗ ପାଇପାରିବେ ବୋଲି ଜଣାପଡ଼ିଛି। ଓଡ଼ିଶା ସରକାର ଏ ନେଇ ୧୪ କୋଟି ୧୦ ଲକ୍ଷ ୯୮ ହଜାର ଟଙ୍କା ଅନୁଦାନ ଅର୍ଥ ଯୋଗାଇଦେବା ସରକାରଙ୍କ ପତ୍ରସଂଖ୍ୟା ୧୮୩୩ ତା.୨୬/୨/୨୪ ଡିଟିଇଟି ଓଡ଼ିଶା କଟକକୁ ଦିଆଯାଇଥିବା ଜଣାପଡ଼ିଛି। ଏଥିରେ ୫ କୋଟି ୨୧ ଲକ୍ଷ ୫୮ ହଜାର ଟଙ୍କାରେ ତଳ ମହଲା, ୨ କୋଟି ୪୩ ଲକ୍ଷ ୪୬ ହଜାର ପ୍ରଥମ ମହଲା, ୩୦ ଲକ୍ଷ ୩୮ ହଜାର ମୁଖ୍ୟ କୋଠା, ୬୩ ଲକ୍ଷ ୧୦ ହଜାର ବାଉଣ୍ଡ୍ରୀ ୱାଲ, ଡ୍ରେନ ପାଇଁ ୧୩ ଲକ୍ଷ ୭୩ ହଜାର, ରାସ୍ତା ପାଇଁ ୧୫ଲକ୍ଷ ୪୫ହଜାର, ମୁଖ୍ୟ ଗେଟ ପାଇଁ ୧୦ ଲକ୍ଷ, ବିଦ୍ୟୁତକରଣ ପାଇଁ ୧କୋଟି ୯୬ ଲକ୍ଷ, ୩୯ ହଜାର ଏବଂ ପିଏଚ ପାଇଁ ୬୧ଲକ୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସରକାର ଯୋଗାଇ ଦେଇଥିବା ଜଣାପଡ଼ିଛି। ଏହାପରେ ଅଞ୍ଚଳରେ ଖୁସି ପ୍ରକାଶ ପାଇଛି। ବିଶେଷକରି ଛାତ୍ରଛାତ୍ରୀ ତଥା ଶିକ୍ଷାପ୍ରେମୀ ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଟାଙ୍ଗରକେଲାରେ ଜୈବିକ ଉତ୍ପାଦ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

**ରେଙ୍ଗାଲି/ପଡ଼ିଆବାହାଲ,୧୪।୩(ସମିସ):** ସମ୍ବଲପୁର ଜିଲ୍ଲାର ଟାଙ୍ଗରକେଲାରେ ଗୁରୁବାର ଜୈବିକ ଉତ୍ପାଦ ବିକ୍ରୟ କେନ୍ଦ୍ର ସାପ୍ତାହିକ ହାଟ ଖୋଲିଛି। ଏହି ହାଟରେ ମିଶନଶକ୍ତି ମହିଳାଙ୍କ ଦ୍ୱାରା ଉତ୍ପାଦିତ ପନିପରିବା ମିଳିପାରିବ। ବାହାମ ସରପଞ୍ଚ ଚିତ୍ତାମ୍ବିନୀ ସାହୁ ଆଜି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଜୀବିକା ମିଶନ ଓ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି ପକ୍ଷରୁ ଜୈବିକ ଉତ୍ପାଦିତ ପନିପରିବା ବିକ୍ରୟ କରିବା ପାଇଁ ଏହି ହାଟ ଖୋଲାଯାଇଛି। ଏଥିରେ ଏମ୍‌ବିକେ ସଞ୍ଜୁକ୍ତା ସାହୁ, ଏଓ ଚିନ୍ତାମଣି କୁମ୍ଭର, ୱାର୍ଡମେମ୍ବର ସବିତା ତ୍ରୀପାଠି, ମାସ୍ଟର ମୁରାରୀ କୁମାର ପ୍ରଧାନ, ସଂଯୋଜକ ସୁଚିତ୍ରା ମେହେର, ପ୍ରୋଜେକ୍ଟ ଆସୋସିଏଟ୍ ଇତିଶ୍ରୀ ସା ପ୍ରମୁଖ ଯୋଗଦେଇ ଜୈବିକ ଉତ୍ପାଦିତ ଫସଲର ଉପକାରିତା ଓ ସ୍ୱାସ୍ଥ୍ୟ ପାଇଁ କେତେ ଫଳପ୍ରଦ ସେ ସଂପର୍କରେ ବୁଝାଇ ଜୈବିକ ଉତ୍ପାଦିତ ଫସଲ ପ୍ରତି ସମସ୍ତେ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ବାହାମ ଗ୍ରାମ ପଞ୍ଚାୟତ ଜୟଦୁର୍ଗା ପାଠାଗାରରେ ଏକ ସଭା ଆୟୋଜିତ ହୋଇଥିଲା। ପ୍ରଫେସର ମାଷ୍ଟର ଟ୍ରେନର ବୈଜୟନ୍ତୀ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜୟନ୍ତପୁର, ସାଲଟ ପଞ୍ଚାୟତର କାଶିପାଲି ଓ ବାହାମ ପଞ୍ଚୟତର ପଡ଼ିଆବାହାଲ ପରେ ଆଜି ଟାଙ୍ଗରକେଲାରେ ଏହା ଚତୁର୍ଥ ହାଟ ଭାବେ ଉଦ୍‌ଘାଟିତ ହୋଇଛି। ବିଭିନ୍ନ ଗ୍ରାମରୁ ଜୈବିକ ପନିପରିବା ଯଥା ଆଳୁ, ପିଆଜ, ଶାଗ, ବାଇଗଣ, ଟମାଟ, ଭେଣ୍ଡି, କାକୁଡି, ଶିମ୍ବ, ଝୁଡ଼ଙ୍ଗ, ବୋଇତି କଖାରୁ, ଲଙ୍କା, କୋବି, କଲରା, ଲାଉ, ମକା, ସାରୁ ଇତ୍ୟାଦି ପନିପରିବା ବିକ୍ରି କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି।



## ବ୍ଲକସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ପ୍ରକଳ୍ପ ପ୍ରତିଯୋଗିତା

**ରେଢ଼ାଖୋଲ,୧୪।୩(ସମିସ):** ସ୍ଥାନୀୟ ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ପ୍ରକଳ୍ପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଶ୍ରୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୌର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଣୁଧର ବରିହା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରେଢ଼ାଖୋଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ପାତ୍ର ଯୋଗ ଦେଇଥିଲେ। ବିଚାରକ ଭାବରେ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ସୁମନ୍ତ ସାହୁ, ଅବସର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ଝାସକେତନ ଦାସ, ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଜୟା ନନ୍ଦ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ପ୍ରକଳ୍ପ ପ୍ରତିଯୋଗିତା ବିଷୟରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରେଢ଼ାଖୋଲ ବ୍ଲକ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ନାୟକ ଯୋଗଦେଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ରେଢ଼ାଖୋଲ ବ୍ଲକ ଅଞ୍ଚଳର ୧୨ଟି ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ।




## ବିଜୁ ପ୍ରିମିୟର ଲିଗ୍: ନାକଟିଦେଉଳ ବିଜୟୀ

**ଝୁଝୁମୁରା,୧୪।୩(ସମିସ):** ଝୁଝୁମୁରା ସ୍କୁଲପଡ଼ିଆରେ ଚାଲିଥିବା ବିଜୁ ପ୍ରିମିୟର ଲିଗ୍ ଆଜି ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ରେଢାଖୋଲ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ଜିଲ୍ଲାର ଗୌରବ ବୃଦ୍ଧି କରିବାକୁ କହିଥିଲେ। ଏହି ବିଜୁ ପ୍ରିମିୟର ଲିଗ୍ ମ୍ୟାଚ୍ ରେ ୩ ଟି ଦଳ ଭାଗ ନେଇଥିଲେ। ନାକଟିଦେଉଳ ଓ ରେଢାଖୋଲ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳ ହୋଇଥିଲା। ପେନାଲ୍ଟି ଜରିଆରେ ୨-୪ ଗୋଲରେ ନାକଟିଦେଉଳ ଦଳ ବିଜୟ ଲାଭ କରିଥିଲା। ଆଜିର ଖେଳକୁ ବଳରାମ ପ୍ରଧାନ, ଆନନ୍ଦ ମିର୍ଦ୍ଧା, ପରେଶ୍ ମିର୍ଦ୍ଧା ଓ ଆନନ୍ଦ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଜୁ ଯୁବ ଜନତା ଦଳର ଜୋନ ସଭାପତି ଦେବାଶିଷ ପରିଡ଼ା ତୁଲାଇଥିବା ବେଳେ ଝୁଝୁମୁରା ବ୍ଲକ ବିଜେଡି କର୍ମୀ ପ୍ରହଲ୍ଲାଦ ପ୍ରଧାନ, ଅଶ୍ୱିନୀ ଦେହୁରୀ, ସଞ୍ଜୟ ବିଶ୍ୱାଳ, ଆଦିତ୍ୟ ନାଏକ, ଅବନୀ କୁମୁରା, ବିକାଶ ପ୍ରଧାନ, ଲିଙ୍ଗରାଜ ଦାସ ପ୍ରମୁଖ ସହଯୋଗ କରିଥିଲେ।



## ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ଲାପଟପ୍ ବଣ୍ଟନ

**ସମ୍ବଲପୁର, ୧୪।୩(ସମିସ):** ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଷ୍ଟାର୍ସ ପ୍ରକଳ୍ପ (୨୦୨୩-୨୦୨୪) ଅଧୀନରେ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ଆଜି ଲାପ୍‌ଟପ୍ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଲ, ଏବିଇଓ ଜୟଶ୍ରୀ ଡୋରା, ଜିଲ୍ଲା ଶିକ୍ଷା ସଞ୍ଜୋଜୋକ ଅରୁଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଦୃଷ୍ଟିଶକ୍ତି ହରାଇଥିବା ୬ଜଣ ଛାତ୍ରଛାତ୍ରୀଙ୍କୁ ଲାପଟପ୍ ପ୍ରଦାନ ପାଇଁ ଚୟନ କରାଯାଇଥିଲା। ଏହି ଲାପଟପ୍ ଗୁଡ଼ିକ ଓସିଏସି ଟେକ୍ସ ଟୁ ସ୍ପିଚ୍ ଲୋଡେଡ୍ ଏନଭିଡିଏ (ନନ୍ ଭିଜୁଆଲ୍ ଡେସ୍କଟପ୍ ଆକ୍ସେସ୍) ସଫ୍ଟୱେୟାର୍ ଉପଲବ୍ଧ ରହିଛି। ମାଇକ୍ରୋସଫ୍ଟ ୱିଣ୍ଡୋଜ୍ ଅପରେଟିଂ ସିଷ୍ଟମ୍ ପାଇଁ ଏକ ଓପନ୍ ସୋର୍ସ ସ୍କ୍ରିନ୍ ରିଡର୍ ଯାହା ଦୃଷ୍ଟିହୀନ ଛାତ୍ରଛାତ୍ରୀମାନଙ୍କୁ ୱିଣ୍ଡୋଜ୍ ସିଷ୍ଟମରେ ଚାଳିତ କମ୍ପ୍ୟୁଟର୍‌କୁ ଆକସେସ୍ କରିବାକୁ ସକ୍ଷମ କରେ। ଫଳରେ ଦୃଷ୍ଟିହୀନ ଛାତ୍ରଛାତ୍ରୀ ଏଥିରୁ ଯଥେଷ୍ଟ ଫାଇଦା ପାଇପାରିବେ। ଏହି ୬ଜଣ ଛାତ୍ର ହେଲେ ଦଶମ ଶ୍ରେଣୀରେ ପଢୁଥିବା ସିଏସ୍‌ବି ଜିଲ୍ଲା ସ୍କୁଲର ରାଧେଶ୍ୟାମ ଜୟପୁରିଆ, ସରକାରୀ ଉଚ୍ଚବିଦ୍ୟାଳୟର ସୁରେନ କୁମାର ବେହେରା ଓ ଅମୂଲ୍ୟ ବନଛୋର, ଜିଏମ୍ ଜୁନିୟର କଲେଜର ପଢୁଥିବା ଏକାଦଶ ଶ୍ରେଣୀର ଅଶ୍ରିତା ଦ୍ୱାରୀ, ଦ୍ୱାଦଶ ଶ୍ରେଣୀର ଜାନକୀ ଓରାମ ଓ ଆରତୀ ସାହାନୀ। ଛାତ୍ରଛାତ୍ରୀ ମାନଙ୍କୁ ଲ୍ୟାପଟପ ସମ୍ପର୍କିତ ତାଲିମ ପ୍ରଦାନ କରା ଯାଇଥିଲା। ସରକାରଙ୍କ ଏହି ଷ୍ଟାର୍ସ ପ୍ରକଳ୍ପ ବହୁ ଦୃଷ୍ଟିହୀନ ଛାତ୍ରଛାତ୍ରୀ ମାନଙ୍କୁ ନିଜର ଭବିଷ୍ୟତ ଗଢ଼ିବାରେ ସାହାଯ୍ୟ କରିବା ସହିତ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ ହବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ।



## ଦୁଇ ବିଦ୍ୟାଳୟରେ ଖୋଲିବ ୧୦୦ଶଯ୍ୟା ବିଶିଷ୍ଟ ହଷ୍ଟେଲ

**କୁଚିଣ୍ଡା, ୧୪।୩(ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ କେଶାଇବାହାଲ ଠାରେ ରହିଥିବା ପ୍ରଭୁଦୟାଲ ଗୋଦାବରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ କୁଚିଣ୍ଡା ବ୍ଲକ ବାଉରୀଗୋଡା ପଞ୍ଚାୟତ ହାଇସ୍କୁଲରେ ପୃଥକ ପୃଥକ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ ପାଇଁ ପ୍ରଶାସନିକ ଅନୁମତି ମିଳିଛି। ଓଡ଼ିଶା ସରକାରଙ୍କ ଏସ୍‌ଟି/ଏସ୍‌ସି ଡେଭଲପମେଣ୍ଟ ଏଡିସନାଲ ସେକ୍ରେଟାରୀ ଉଷାପାଢ଼ୀ ଏ ନେଇ ଓଡ଼ିଶା ସରକାରଙ୍କ ପତ୍ରସଂଖ୍ୟା ୬୩୯୪ ତା.୧୪/୩/୨୦୨୪ କୁଚିଣ୍ଡା ପିଏଆଇଟିଡିଏ ଙ୍କୁ ପଠାଇ ଏ ନେଇ ଜାଗା ଚିହ୍ନଟ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାହେବା ଦ୍ୱାରା ୫-ଟି ଅର୍ନ୍ତଭୁକ୍ତ ଏହି ଦୁଇ ଶିକ୍ଷାନୁଷ୍ଠାନରେ ଉତ୍ତମ ଶିକ୍ଷା ପାଇଁ ଯେଉଁ ସମସ୍ୟା ରହିଥିଲା ତାହା ଦୂର ହୋଇପାରିବ ବୋଲି ଶିକ୍ଷାପ୍ରେମୀମାନେ ଖୁସି ପ୍ରକଟ କରି ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଅନ୍‌ଲାଇନ୍ ପ୍ରୋତ୍ସାହନ ପରିଚାଳନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର, ୧୪।୩(ସମିସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓସିଏସି) ଦ୍ୱାରା ବିକଶିତ ଅନଲାଇନ୍ ପ୍ରୋତ୍ସାହନ ପରିଚାଳନା ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରଥମ ଥର ପାଇଁ କୌଣସି ରାଜ୍ୟ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ଆଇଟି/ଇଲେକ୍ଟ୍ରୋନିକ୍ସ ଇଣ୍ଡଷ୍ଟ୍ରିଜ ପାଇଁ ପ୍ରୋତ୍ସାହନ ପରିଚାଳନା ପାଇଁ ଏକ ପ୍ଲାଟ୍‌ଫର୍ମ ସୃଷ୍ଟି ହୋଇଛି। ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ବିଭିନ୍ନ ପଲିସି ଅଧୀନରେ ଏହି ବ୍ୟବସ୍ଥା ଦ୍ୱାରା କମ୍ପାନୀଗୁଡ଼ିକ ପ୍ରୋତ୍ସାହନ ପାଇବା ସହଜ ହେବ। ଶାସନକୁ ସମସ୍ତଙ୍କ ପାଇଁ ଅଧିକ ସୁଲଭ, ସ୍ୱଚ୍ଛ ଏବଂ ଉପଭୋକ୍ତା ଅନୁକୂଳ କରିବ। ଇଲେକ୍ଟ୍ରୋନିକ୍ସ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ, ନାସ୍କମ୍ ଏବଂ ଅନ୍ୟ ଶିଳ୍ପସଂସ୍ଥା ସହଯୋଗରେ, ଏହି ଅନଲାଇନ୍ ପୋର୍ଟାଲର ବ୍ୟବହାର ଉପରେ ଆଇଟି /ଆଇଟିଇଏସ୍ / ଇଲେକ୍ଟ୍ରୋନିକ୍ସ ପ୍ରତିଷ୍ଠାନଗୁଡ଼ିକ ପାଇଁ ହାତରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଚାହୁଁଛି। ମୁଖ୍ୟମନ୍ତ୍ରୀଙ୍କ ଟ୍ରାନ୍ସଫର୍ମେସନ୍ ୫-ଟି କାର୍ଯ୍ୟକ୍ରମ ଅନୁଯାୟୀ ସୁଦୃଢ଼ ହେବ। ନୂତନ ୱେବ୍‌ସାଇଟ ଗୁଡ଼ିକ ସମାଜର ସମସ୍ତ ବର୍ଗ ପାଇଁ ଅନୁକୂଳ ଅଟେ। ଏହି ପଦକ୍ଷେପଗୁଡ଼ିକ ଅଧିକ ସ୍ୱଚ୍ଛତା ଏବଂ ଦକ୍ଷତା ଉପରେ ଆମର ସଂକଳ୍ପକୁ ସୁଦୃଢ଼ କରିବାକୁ ଯାଉଛି। ପୋର୍ଟାଲରେ ଓଡ଼ିଶାର ଆଇଟି, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର, ବିପିଓ ଓ ସେମିକଣ୍ଡକ୍ଟର ମ୍ୟାନୁଫାକ୍ଚରିଂ ଆଣ୍ଡ ଫାବ୍ଲେସ୍ ପଲିସି ଅଧୀନରେ ଉଦ୍ୟୋଗୀମାନେ ସେମାନଙ୍କ ପ୍ରୋତ୍ସାହନ ମଞ୍ଜୁର କରିବା ପାଇଁ ଆବେଦନ କରିବାର ସୁବିଧା ରହିଛି। ଅନଲାଇନ୍ ପ୍ରୋତ୍ସାହନ ପରିଚାଳନା ବ୍ୟବସ୍ଥା ଶାରୀରିକ ଆବେଦନ ଦାଖଲ ଅପେକ୍ଷା ଏକାଧିକ ସୁବିଧା ପ୍ରଦାନ କରିବ, ଯେପରିକି ଆବେଦନକୁ ସହଜରେ ଦାଖଲ କରିବା ଏବଂ ଦସ୍ତାବିଜ ଅପଲୋଡ୍ କରିବା, ସିଙ୍ଗଲ ୱିଣ୍ଡୋ ପୋର୍ଟାଲ ସୁବିଧା, ଆପ୍ଲିକେସନ୍ ପାଇଁ ତ୍ରୁଟି-ଯାଞ୍ଚ ଏବଂ ବାର୍ତ୍ତା ସତର୍କତା। ଏହା କୌଣସି ଅନଧିକୃତ ପ୍ରବେଶକୁ ରୋକିବା ପାଇଁ ଅନେକ ସୁରକ୍ଷା ପ୍ରକ୍ରିୟା ଉପରେ ମଧ୍ୟ ନିର୍ଭର କରିଥାଏ। ୨୪ ଘଣ୍ଟା ଭିତରେ ନିଜର ଆବେଦନ ଦାଖଲ କରିପାରିବେ। ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କହିଥିଲେ, ୫-ଟି ପଦକ୍ଷେପ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ଆଣି ଉଲ୍ଲେଖନୀୟ ପ୍ରଭାବ ପକାଇଛି। ମହାମାରୀ ସମୟରେ ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନର ଭୂମିକାକୁ ପ୍ରଶଂସା କରି ସେ କହିଥିଲେ, ୫-ଟିର ନୀତି ଆମକୁ ଏହି ଅନିଶ୍ଚିତତାର ସମୟରୁ ବାହାରିବାରେ ସଫଳତାର ସହ ସାହାଯ୍ୟ କରିଛି। ୫-ଟି ପଦକ୍ଷେପର ପ୍ରୟୋଗ ସହିତ ଅନେକ ସଫଳ ପ୍ରକଳ୍ପ ଆରମ୍ଭ କରିଛୁ। ହାଇସ୍କୁଲ ଟ୍ରାନ୍ସଫର୍ମେସନ୍ ଠାରୁ ଆରମ୍ଭ କରି ମୋ କଲେଜ, ମୋ ବସ୍, ଲକ୍ଷ୍ମୀ, ଆମ ହସ୍ପିଟାଲ, ଆମ ବ୍ୟାଙ୍କ, ମନ୍ଦିର ଓ ଅନ୍ୟ ।ନ୍ୟ ଧାର୍ମିକ ସ୍ଥଳ ପରିବର୍ତ୍ତନ, କ୍ରୀଡ଼ା ଭିତ୍ତିଭୂମି, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଏବଂ ଅନେକ କାର୍ଯ୍ୟକ୍ରମ ଟେକ୍ନୋଲୋଜିର ପ୍ରୟୋଗ ଏବଂ ଦଳଗତ କାର୍ଯ୍ୟ ଯୋଗୁଁ ସଫଳ ହୋଇଛି। ସମ୍ବଲପୁର ଜିଲ୍ଲାପାଳ ସମ୍ମିଳନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଓସିଏସିର ପରିଚାଳନା ନିର୍ଦ୍ଦେଶକ ମାନସ ପଣ୍ଡା, ସିଇଓ ମନୋଜ ପଟ୍ଟନାୟକ, ଜେନେରାଲ ମ୍ୟାନିଜର ମଧୁମିତା ରଥ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ସଞ୍ଜୁକ୍ତା କୁଲୁ ଉପସ୍ଥିତ ଥିଲେ।









## ଗଞ୍ଜେଇ ଜବତ, ଦୁଇ ଗିରଫ

**ଝାରସୁଗୁଡ଼ା, ୧୪।୩(ସମିସ):** ଝାରସୁଗୁଡ଼ା ରେଳ ଷ୍ଟେସନରେ ବେଆଇନ ଭାବରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ଦୁଇ ଅଭିଯୁକ୍ତଙ୍କୁ ପ୍ଲାଟଫର୍ମରୁ ଗିରଫ ରେଳବାଇ ପୁଲିସ ଗିରଫ କରଛି। ସୂଚନାନୁଯାୟୀ, ଉତ୍ତର ପ୍ରଦେଶର ବଜରଙ୍ଗପୁରର ଲକ୍ଷ୍ମୀ ପ୍ରସାଦ (୩୫) ଓ ରଞ୍ଜୀତ କୁମାର (୨୬) ବ୍ୟାଗ୍‌ରେ ୫୯୦ ଗ୍ରାମ ଗଞ୍ଜେଇ ଟ୍ରେନ୍‌ରେ ନେବାପାଇଁ ୧ ନମ୍ବର ପ୍ଲାଟଫର୍ମରେ ଅପେକ୍ଷା କରିଥିଲେ। ରେଳବାଇ ପୁଲିସ ପକ୍ଷରୁ ଯାଞ୍ଚବେଳେ ବ୍ୟାଗ୍ ଭିତରୁ ଗଞ୍ଜେଇ ଜବତ କରିବାସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।



## ନିଯୁକ୍ତି ଦାବିରେ ଏମ୍‌ସିଏଲ୍ ବିସ୍ଥାପିତଙ୍କ ଜିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ

ଝାରସୁଗୁଡ଼ା, ୧୪।୩(ସମିସ)

କୋଇଲା ଖଣି ଯୋଗୁ ଜମି ହରାଇଥିବା ଖଏରକୁନୀର ଚନ୍ଦ୍ରମଣି ସାହୁ ନିଯୁକ୍ତି ଦାବିରେ ବନ୍ଧବାହାଲ ଜିଏମ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ସକାଳୁ ଆମରଣ ଅନଶନରେ ବସିଛନ୍ତି। ସୂଚନା ଅନୁସାରେ ଚନ୍ଦ୍ରମଣିଙ୍କ ଖଏରକୁନୀରେ ନିଜ ମାଁ ଲଳିତା ସାହୁଙ୍କ ନାମରେ ଥିବା ୧ ଏକର ୨୦ ଡିସମିଲ ଜମି ଓ ବାପା ଛତ୍ରପତି ସାହୁଙ୍କ ନାମରେ ଥିବା ୨୦ ଡ଼ିସମିଲ ଜମିକୁ ଗତ ବର୍ଷ ୮ଜାନୁଆରୀରେ ଏମସିଏଲ ଅଧିଗ୍ରହଣ କରିଥିଲା। ସେତେବେଳେ ଏମସିଏଲ ପକ୍ଷରୁ ଚନ୍ଦ୍ରମଣିଙ୍କୁ ମହାଲକ୍ଷ୍ମୀ ସାକାର ନାମକ ଏକ ଘରୋଇ କମ୍ପାନୀରେ ନିଯୁକ୍ତି ପ୍ରଦାନ କରିବାକୁ ଲିଖିତ ଭାବରେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। କିନ୍ତୁ ଏକ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ ଚନ୍ଦ୍ରମଣିଙ୍କୁ ଉକ୍ତ ଘରୋଇ କମ୍ପାନୀରେ ନିଯୁକ୍ତି ପ୍ରଦାନ କରିବାରେ ଅସମର୍ଥ ହେବା ସହିତ ଏବେ ନିଯୁକ୍ତି ଦିଆ ଯାଇପାରିବ ନାହିଁ ବୋଲି ସ୍ପଷ୍ଟ ଭାବରେ କହିବାରୁ ବାଧ ହୋଇ ସେ ଏମସିଏଲ ଜିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଛନ୍ତି।



## ହୋଟେଲରୁ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

**ଝାରସୁଗୁଡ଼ା, ୧୪।୩(ସମିସ):** ଟାଉନଥାନା ପୁଲିସ ଝାରସୁଗୁଡ଼ାର ଏକ ହୋଟେଲରୁ ଜଣେ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର କରିଛି। ମୃତକ ଜଣକ ଲଖନପୁର ଥାନା ଅନ୍ତର୍ଗତ କୁଡାଲୋଇର ଅନିଲ ଦୀପ ବୋଲି ଜଣାପଡ଼ିଛି। ଅନିଲ ଗତକାଲି ସକାଳୁ ଘରୁ ବାଇକ ନେଇ ବାହାରି ଯାଇଥିଲେ। ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବେଲପାହାଡ଼ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ମେହେର ଅନିଲଙ୍କ ମୋବାଇଲ ଫୋନ ଲୋକେସନ୍ ଯାଞ୍ଚ କରିବାରୁ ସେ ଏକ ହୋଟେଲରେ ଥିବା ଜଣାପଡ଼ିଥିଲା। ଅନିଲଙ୍କ ବଡ଼ ଭାଇ ଝାରସୁଗୁଡ଼ା ରେଳଷ୍ଟେସନ ନିକଟସ୍ଥ ଉକ୍ତ ହୋଟେଲକୁ ବୁଧବାର ରାତି ୧୧ ଟାରେ ପହଞ୍ଚି ତାଙ୍କ ଭାଇଙ୍କ ସମ୍ପର୍କରେ ତଥ୍ୟ ନେଇଥିଲେ। ସେଠାରୁ ସେ ତାଙ୍କ ଭାଇକୁ ଫୋନ କରିଥିଲେ ହେଁ ଫୋନ ନ ଉଠାଇବା ନେଇ ହୋଟେଲ କର୍ମଚାରୀଙ୍କୁ ଜଣାଇଥିଲେ। ହୋଟେଲ କର୍ମଚାରୀ ଓ ତାଙ୍କ ଭାଇ ରୁମ୍ କବାଟ ବାଡେଇ ଥିଲେ ହେଁ ନ ଖୋଲିବାରୁ ଝରକା ପଟୁ ଦେଖିବାରେ ଅନିଲ ଏକ ପଙ୍ଖାରେ ଫାସି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଏ ନେଇ ହୋଟେଲର ମ୍ୟାନେଜରଙ୍କ ପକ୍ଷରୁ ଟାଉନ ଥାନାରେ ଲିଖିତ ଭାବରେ ଅଭିଯୋଗ କରିବା ପରେ ପୁଲିସ ଗୁରୁବାର ସକାଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଖୋଲି ଶବ ଉଦ୍ଧାର କରିଛି। ତେବେ କେଉଁ କାରଣରୁ ଅନିଲ ଆତ୍ମହତ୍ୟା କରିଛନ୍ତି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

## ଗୁହାଳ ପୋଡ଼ି ପଡ଼ୋଶୀ ଗିରଫ

**ଦେବଗଡ଼, ୧୪।୩(ସମିସ):** କୁଣ୍ଢେଇଗୋଳା ଥାନା ଆଉଁଳି ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କ ଗୁହାଳ ଘର ପୋଡିବା ଅଭିଯୋଗରେ ଅଭିଯୁକ୍ତ ପଡୋଶୀକୁ ପୁଲିସ ଗିରଫ କରିଛି। ଆଉଁଳି ଗ୍ରାମର ଦୁଃଶାସନ ସାହୁଙ୍କ ସ୍ତ୍ରୀ ଗୀତାଞ୍ଜଳିଙ୍କ ସହ ପଡୋଶୀ ଗଙ୍ଗାଧର ସେଠୀ ଓ ତାଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ଜମିଜମା ବିବାଦରୁ ବିବାଦ ଲାଗି ରହିଛି। ଗଙ୍ଗା ଓ ତାଙ୍କ ପରିବାର ସଦସ୍ୟ ଗୀତାଞ୍ଜଳିଙ୍କ ଗୁହାଳ ଭାଙ୍ଗିବା ସହ ପୋଡି ଦେଇଥିବା ଗୀତାଞ୍ଜଳି କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ପୂର୍ବକ ଅଭିଯୁକ୍ତ ଗଙ୍ଗାକୁ ଗିରଫ କରିଛି।

## ପିଇଓଙ୍କ ସ୍ୱାମୀଙ୍କ ମାଡ଼ରେ ପିଇଓ ଲହୁଲୁହାଣ

**ଦେବଗଡ଼, ୧୪।୩(ସମିସ):** ରିଆମାଳ ବ୍ଲକ ପରା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ସ୍ୱାମୀଙ୍କ ମାଡ଼ରେ ବୁଢାପାଲ ପଞ୍ଚାୟତ ପିଇଓ ଲହୁଲୁହାଣ ହୋଇଛନ୍ତି। ଉଭୟ ଉଭୟଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଉଭୟଙ୍କ ନାମରେ କୁଣ୍ଢେଇଗୋଳା ଥାନାରେ ମାମଲା ରୁଜୁ ହୋଇଛି। ପରା ପଞ୍ଚାୟତ ନିର୍ବାହୀ ଅଧିକାରୀ ରୁନା ବେହେରାଙ୍କ ସ୍ୱାମୀ ମୁକୁନ୍ଦ ବେହେରା ବୁଢାପାଲ ପଞ୍ଚାୟତ ନିର୍ବାହୀ ଅଧିକାରୀ ତୁଳାନ ସିଂ ନାଏକଙ୍କ ସରକାରୀ କାର୍ଯ୍ୟାଳୟ ଓ ବାସଭବନକୁ ଆସି ନବୀନ ବିଏସକେୱାଇ କାର୍ଡକୁ ନେଇ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ତୁଳାନଙ୍କୁ ନିର୍ଦ୍ଦମ ପିଟିଥିଲେ। ମୁଣ୍ଡରେ ଆଘାତ ଲାଗିଥିବା ତୁଳାନ ଅଭିଯୋଗ କରିଛନ୍ତି।

## ରିଆମାଳ ବ୍ଲକ ବରିଷ୍ଠ ନାଗରିକ କମିଟିର ବୈଠକ

**ଦେବଗଡ଼, ୧୪।୩(ସମିସ):** ରିଆମାଳ ବ୍ଲକ ପୁରୁମୁଣ୍ଡା ସ୍ୱଳ୍ପ ଘଟି ମନ୍ଦିରରେ ରିଆମାଳ ବ୍ଲକ ବରିଷ୍ଠ ନାଗରିକ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଜନାର୍ଦ୍ଦନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରିଆମାଳ ବ୍ଲକର ସର୍ବାଙ୍ଗୀନ ବିକାଶ ନିମନ୍ତେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ସେହିପରି ରିଆମାଳ ବ୍ଲକରେ ସବ୍ ରେଜିଷ୍ଟ୍ରି କାର୍ଯ୍ୟାଳୟ ଖୋଲିବା, ପୁଲିସ ସବ୍ ଡିଭିଜନ ମାନ୍ୟତା ସହ ରାଜସ୍ୱ ଉପଖଣ୍ଡର ମାନ୍ୟତା ଦେବା, ଗୋହିରା ଡ୍ୟାମ୍‌ରୁ ସବୁ ଆୟାକଟ ଏରିଆକୁ ପାଣି ମାଡ଼ିବା, ନାଳ ଗୁଡିକରେ ଆନିକଟ କରି ଚାଷ ଜମିରେ ଜଳ ଯୋଗାଣ, ମେଗା ୱାଟର ସପ୍ଲାଇକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା, ଟିଙ୍କବିର ଏବଂ ଆଖପାଖ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, କୃଷକଙ୍କ ହିତ ପାଇଁ ଶୀତଳ ଭଣ୍ଡାର ପ୍ରତିଷ୍ଠା, ମେଗା ଫୁଡ୍ ପାର୍କ ପ୍ରତିଷ୍ଠା, ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫୁଡ୍ ଟେକ୍‌ନୋଲୋଜି ପକ୍ଷରୁ ଗବେଷଣା କେନ୍ଦ୍ର ପ୍ରତିଷ୍ଠା, ଝାରସୁଗୁଡା-ବାରକୋଟ ଭାୟା ତିଲେଇବଣି, ରିଆମାଳ, ଦେବଗଡ଼ ବାରକୋଟ ରେଳପଥ ଡିପିଆର ଅଗ୍ରଗତି ସମ୍ପର୍କରେ ପୂର୍ବତଟ ରେଳବାଇ ଡିଜିଏମଙ୍କୁ ସାକ୍ଷାତ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ କମିଟି ସମ୍ପାଦକ ଯୋଗେଶ୍ୱର ବିଶ୍ୱାଳ, ପବିତ୍ର ମୋହନ ନାୟକ, ସନ୍ତୋଷ ସାହୁ, ହରିଶ୍ଚନ୍ଦ୍ର ବିଶ୍ୱାଳ, ପବିତ୍ର ପ୍ରଧାନ, ଗୁରୁଚରଣ ସାହୁ, ପ୍ରମୋଦ ପ୍ରଧାନ, ପ୍ରମୋଦ ଝାଙ୍କର, ଉଦୟ ପ୍ରଧାନ, ବସନ୍ତ ପ୍ରଧାନ, ବିରଞ୍ଚି ପ୍ରଧାନ, ଦେବାର୍ଚ୍ଚନ ପ୍ରଧାନ, କାହ୍ନୁ ପ୍ରଧାନ, ଗୋବିନ୍ଦ ପ୍ରଧାନ, ପଳଉ ନାଏକ, ଦିବାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ନିର୍ବାଚନ ନିମନ୍ତେ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ

**ଦେବଗଡ଼, ୧୪।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନ ପାଇଁ ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ପୋଲିଂ ଓ ପ୍ରିଜାଡିଂ ଅଧିକାରୀଙ୍କୁ ତାଲିମ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାଜ୍ୟରେ ହେବାକୁ ଥିବା ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟା ସରଳ ଓ ତ୍ରୁଟି ଶୂନ୍ୟ କରିବା ପାଇଁ ନିଯୁକ୍ତ ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ତାଲିମ କାର୍ଯ୍ୟକ୍ରମ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ସୂଚାରୁରୂପେ ପରିଚାଳନା ପାଇଁ ଦେବଗଡ଼ ମହାବିଦ୍ୟାଳୟରେ ୮ଟି ହଲ୍‌ରେ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ ଉପାଧ୍ୟାୟଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ଏହି ତାଲିମ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର (ନିର୍ବାଚନ) ଏଜେଲିନ୍ ବାରା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, ତାପସ ମହାନ୍ତ, ରାଜୀବ ଲୋଚନ ନାଏକ ପ୍ରମୁଖଙ୍କୁ ପର୍ଯ୍ୟାୟକ୍ରମେ ତାଲିମ୍ ପ୍ରଦାନ ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି ଶିବିରରେ ୪୦୬ ଜଣ ପୋଲିଂ ଅଧିକାରୀ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ସାଧାରଣ ନିର୍ବାଚନ ପରିଚାଳନାରେ ନିଜର ଦାୟିତ୍ୱ କିପରି ନିର୍ଭୁଲ ଭାବେ ତୁଲାଇବେ ସେ ସମ୍ପର୍କରେ ତାଲିମ୍ ପ୍ରଦାନ କରାଯିବ। ପୋଲିଂ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ବୁଥ୍ ପର୍ଯ୍ୟନ୍ତ ଯିବେ ଓ ବୁଥ୍‌ରେ କେଉଁ ଅଧିକାରୀଙ୍କ କ'ଣ କାର୍ଯ୍ୟ ତାହା ବୁଝାଯାଇଛି। ଭୋଟ ଗ୍ରହଣ ଦିନ ଶାନ୍ତି ଶୃଙ୍ଖଳା ସହ ଭୋଟ ଦାନ ପ୍ରକ୍ରିୟା କିପରି କରିପାରିବେ, ସେକ୍ଟର ଅଧିକାରୀଙ୍କ ସହ କିପରି ଯୋଗାଯୋଗ ରଖି ସୂଚନା ଦେବାକୁ ତାଲିମ୍ ପ୍ରଦାନ କରାଯାଇଛି। ଇଭିଏମ୍, ଭିଭିପାଟ କିପରି ସଂଯୋଗ କରିବେ ସେ ନେଇ ତାଲିମ ଦିଆଯାଇଛି। ପ୍ରତ୍ୟେକ ପୋଲିଂ ଅଧିକାରୀ ନିଜ ନିଜର ଦାୟିତ୍ୱ ସୂଚାରୁରୂପେ ତୁଲାଇବା ସହ ଗଣତନ୍ତ୍ରର ପବିତ୍ର କାର୍ଯ୍ୟକୁ ଠିକରେ ସମ୍ପାଦନ ପାଇଁ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ପରାମର୍ଶ ଦେଇଛନ୍ତି।



## ବ୍ଲକ ପ୍ରଶାସନ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

**ଦେବଗଡ଼, ୧୪।୩(ସମିସ):** ଦେବଗଡ଼ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ହେବାକୁ ଥିବା ଉନ୍ନତିମୂଳକ କାର୍ଯ୍ୟରେ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନର ମନମୁଖୀ କାର୍ଯ୍ୟ କରାଯାଉଛି। ସରପଞ୍ଚ ଓ ସମିତି ସଭ୍ୟମାନଙ୍କ ବିନା ପରାମର୍ଶରେ ପଞ୍ଚାୟତରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଖସଡା ପ୍ରସ୍ତୁତ କରାଯାଉଛି। ସରପଞ୍ଚ ସଙ୍ଘ ଏଭଳି ଅଭିଯୋଗ କରି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କୁ ତାଙ୍କ ବାସଭବନ କାର୍ଯ୍ୟାଳୟରେ ସାକ୍ଷାତ କରି ଏକ ସ୍ମାରକ ପତ୍ର ପ୍ରଦାନ କରିଛି। ଏହି ସ୍ମାରକ ପତ୍ରରେ ବିଭିନ୍ନ ପଞ୍ଚାୟତରେ ବ୍ଲକ ପ୍ରଶାସନ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଅଣ ଦେଖା କରି ମନମୁଖୀ ଭାବେ ଅନାବଶ୍ୟକ କାର୍ଯ୍ୟକୁ ଖସଡ଼ାରେ ସ୍ଥାନିତ କରୁଥିବା ବେଳେ ଜରୁରୀ କାର୍ଯ୍ୟକୁ ଅଣଦେଖା କରୁଥିବା ଅଭିଯୋଗ କରାଯାଇଛି। ସେହିପରି ଅନେକ ସ୍ଥାନରେ କଂକ୍ରିଟ ରାସ୍ତା ଥିବା ବେଳେ ସେହି ସ୍ଥାନରେ ପୁନଃ କାର୍ଯ୍ୟ ପାଇଁ ତାଲିକା ପ୍ରସ୍ତୁତ କରାଯାଉଛି ବୋଲି ଦର୍ଶାଯାଇଛି। ସଂଘ ସଭାପତି ସତ୍ୟ ନାରାୟଣ ପାଣି, ସମ୍ପାଦକ ପ୍ରକାଶ ଆଚାର୍ଯ୍ୟ, ଦୋଳଗୋବିନ୍ଦ ପ୍ରଧାନ, ଗୀତାଞ୍ଜଳି ପ୍ରଧାନ, ଫକୀର ମୋହନ ବେହେରା, ରଶ୍ମିତା ପ୍ରଧାନ, ପପିନା ବିଶ୍ୱାଳ, ବସନ୍ତ ବେହେରା, ଦିଲ୍ଲୀପ ଆଚାର୍ଯ୍ୟ, ଏଲିନା ସାହୁ, କୁମୁଦିନୀ ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ବହୁ ସରପଞ୍ଚ ଉପସ୍ଥିତ ଥିଲେ।



## ବସ୍ ଧକ୍କାରେ ଦୁଇ ବାଇକ ଆରୋହୀ ମୃତ

**ଝାରସୁଗୁଡ଼ା, ୧୪।୩(ସମିସ):** ୪୯ ନମ୍ବର ଜାତୀୟ ରାଜପଥ ବୁଢ଼ିପଦର ନିକଟରେ ବସ୍ ଧକ୍କାରେ ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ହାୱଡ଼ାର ଏସ୍‌କେ ହବିବୁର (୨୩) ଓ ଶୁଭମ ପାଲ (୧୯)। ସୂଚନାନୁଯାୟୀ, (ଓଡ଼ି ୨୩-୯୪୫) ବାଇକ୍‌ରେ ହବିବୁର ଓ ଶୁଭମ ସନ୍ଧ୍ୟା ୫ଟାବେଳେ ବାଇକ୍‌ରେ ଯାଉଥିବା ସମୟରେ ଜୟ ମାତାଦି ନାମକ ଏକ ବସ୍ ସମ୍ମୁଖରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହବିବୁରରଙ୍କ ମୃତ୍ୟୁ ହୋଇଥିବାବେଳେ ଶୁଭମଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ଶୁଭମଙ୍କ ମୃତ୍ୟୁ ହୋଇଛି। ତେବେ ମୃତକ ଦ୍ୱୟ ବ୍ରଜରାଜନଗରେ ରହି ନିର୍ମାଣ କାର୍ଯ୍ୟ କରୁଥିଲେ। କୌଣସି କାର୍ଯ୍ୟପାଇଁ ଝାରସୁଗୁଡ଼ା ଯାଉଥିବାବେଳେ ଏକ ଟ୍ରକ୍‌କୁ ଓଭରଟେକ୍ କରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ବସ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା।



## ଦୁର୍ଗାମନ୍ଦିର ହୁଣ୍ଡି ସହ ଅନ୍ୟାନ୍ୟ ସାମଗ୍ରୀ ଲୁଟିଲେ ଦୁର୍ବୃତ୍ତ

**ବ୍ରଜରାଜନଗର, ୧୪।୩(ସମିସ):** ଝାରସୁଗୁଡ଼ା ଜିଲ୍ଲା ଓରିଏଣ୍ଟ ଥାନା ଅନ୍ତର୍ଗତ ଦୁର୍ଗାନଗରସ୍ଥିତ ମା'ଦୁର୍ଗାମନ୍ଦିରରେ କିଛି ଦୁର୍ବୃତ୍ତମାନେ ପଶି ମନ୍ଦିରର ଘଣ୍ଟା, ଶଙ୍ଖ, ହୁଣ୍ଡି ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ହୁଣ୍ଡିରେ ପ୍ରାୟ ୧୨ହଜାର ଟଙ୍କା ରହିଥିବା ମନ୍ଦିର କମିଟି ତରଫରୁ ସୂଚନା ଦିଆଯାଇଥିବାବେଳେ ଓରିଏଣ୍ଟ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରିଛି।

## ପିଲା ଖେଳରୁ ଗଣ୍ଡଗୋଳ

**ବ୍ରଜରାଜନଗର, ୧୪।୩(ସମିସ):** ଛୋଟ ପିଲାମାନେ ପାର୍କରେ ଫୁଟବଲ ଖେଳୁଥିବା ବେଳେ ଗଣେଶନଗରର ବଣ୍ଟୁ ନାମକ ଜଣେ ଯୁବକ ସେମାନଙ୍କୁ ହଇରାଣ କରିବାରୁ ପିଲାମାନେ ତାକୁ ଠେଲି ଦେବାରୁ ସେ ପଡ଼ିଯାଇ ଆହତ ହୋଇଛି। ଏ ନେଇ ବଣ୍ଟୁର ମା' ତାକୁ ଉଦ୍ଧାର କରି ଖାଲିଆକାନି ହସ୍ପିଟାଲକୁ ନେଇଥିଲେ। ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଛି। ବଣ୍ଟୁ ମା'ଙ୍କ ଅଭିଯୋଗକ୍ରମେ ପିଲାମାନେ ଇଟାରେ ଆକ୍ରମଣ କରିଥିବା ନେଇ ଥାନାରେ ଏତଲା ଦିଆଯାଇଥିବା ବେଳେ ପିଲାଙ୍କ ଅଭିଭାବକଙ୍କ ପକ୍ଷରୁ ଏକ ପାଲଟା ଏତଲା ଦିଆଯାଇଛି। କୁଆଡ଼େ ବଣ୍ଟୁ ନିଶାସକ୍ତ ଅବସ୍ଥାରେ ପଡ଼ିଆରେ ପିଲାଙ୍କୁ ହଇରାଣ ହରକତ କରିଥିବା ଅଭିଯୋଗ ହୋଇଛି। ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ବ୍ରଜରାଜନଗର ଥାନାଧିକାରୀ ଧବଳେଶ୍ୱର ସାହୁ ସୂଚନା ଦେଇଛନ୍ତି।

## ଶିଳ୍ପ ନିରାପତ୍ତା ତାଲିମ କାର୍ଯ୍ୟକ୍ରମ ପରିଚାଳନା

ଝାରସୁଗୁଡ଼ା, ୧୪।୩(ସମିସ)

ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ସହଯୋଗରେ ଏକ ବ୍ୟାପକ ଏକଦିବସୀୟ ଶିଳ୍ପ ନିରାପତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରମ ଓ ଇଏସଆଇ ତତ୍ତ୍ୱାବଧାନରେ ଏହି ପ୍ରୟାସ ରାଜ୍ୟରେ ଥିବା ବିଭିନ୍ନ

**୪୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀଙ୍କୁ ଶିଳ୍ପ ନିରାପତ୍ତା ଓ ଦୁର୍ଘଟଣାର ପ୍ରତିକାର ନେଇ ସଚେତନତା**

ଶିଳ୍ପାଞ୍ଚଳରେ ବିସ୍ତାରିତ ଯାହା ଏକ ଦୃଢ ନିରାପତ୍ତା ସଂସ୍କୃତି ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବାରେ ସହାୟକ ହେବ। ଏହି ତାଲିମ କାର୍ଯ୍ୟକ୍ରମକୁ ଶ୍ରମ ଓଇଏସଆଇ ବିଭାଗର ଆୟୋଗ ତଥା ସଚିବ ଆରଏସ ଗୋପାଳନ, ବାଷ୍ପିତ୍ର ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଡ. ମଳୟ କୁମାର ପ୍ରଧାନ, ସ୍ୱରୂପ ଜେନା କାରଖାନା ତଥା ବାଷ୍ପିତ୍ର ସମ୍ବଲପୁର ଡିଭିଜନ, ଅର୍ଚ୍ଚନା ଦାସ, ସହକାରୀ ନିର୍ଦ୍ଦେଶକ କାରଖାନା ତଥା ବାଷ୍ପିତ୍ର, ଉମାକାନ୍ତ ସାମନ୍ତରାୟ କାରଖାନା ତଥା ବାଷ୍ପିତ୍ର ସମ୍ବଲପୁର ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗୁଣବତ୍ତା ଓ ପରିବେଶ ପ୍ରବନ୍ଧନ ସେବା




ପ୍ରା. ଲିର ବିଶେଷଜ୍ଞ ପ୍ରଶିକ୍ଷକଙ୍କ ନେତୃତ୍ୱରେ ତାଲିମ ପରିଚାଳିତ ହୋଇଥିଲା। ପଶ୍ଚିମ ଓଡ଼ିଶାରୁ ୪୦୦ରୁ ଅଧିକ ଶିଳ୍ପ ସଂସ୍ଥାର କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବେଦାନ୍ତର ସୁରକ୍ଷା ସଂସ୍କୃତି ଉପରେ ମତ ଦେଇ ସୁନୀଲ ଗୁପ୍ତା ସିଓଓ, ଆଲୁମିନିୟମ ବିଜିନେସ କହିଛନ୍ତି ଯେ କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ହେଉଛି ସଂସ୍ଥାର ସର୍ବୋଚ୍ଚ ପ୍ରାଥମିକତା। କାର୍ଯ୍ୟକ୍ରମର ଉତ୍କର୍ଷତା ବଜାୟ ରଖିବା ପାଇଁ କର୍ମଚାରୀଙ୍କ ସୁରକ୍ଷା ତାଲିମକୁ ବିସ୍ତାର କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହି ଶିଳ୍ପ ସୁରକ୍ଷା ତାଲିମ ଜରିଆରେ ଉନ୍ନତ କର୍ମ ସଂସ୍କୃତି ପ୍ରତିପାଦନ କରିବାକୁ ଚେଷ୍ଟା ଅବ୍ୟାହତ ରହିଛି। ଆର.ଏସ. ଗୋପାଳନ କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ କହିଥିଲେ ଯେ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ଏହି ଅଭ୍ୟାସକୁ ଯୋଡ଼ିବା ଓ ଉପଯୁକ୍ତ ପ୍ରଦର୍ଶନ ପ୍ରତିପାଦନ କରିବା ଦିଗରେ ଏହି ତାଲିମ ସହାୟକ ହେବ। ଅଂଶଗ୍ରହଣକାରୀଙ୍କ ଯୋଗଦାନ ଦ୍ୱାରା ସେମାନଙ୍କ ଶିଳ୍ପ କ୍ଷେତ୍ରରେ ଉତ୍କର୍ଷତା ବୃଦ୍ଧି ପାଇବ। ବେଦାନ୍ତ ଉନ୍ନତ ଜ୍ଞାନ କୌଶଳ ସହାୟତାରେ ଏହାର କାର୍ଯ୍ୟ ପରିସରରେ ଆଚରଣ ଆଧାରିତ ସୁରକ୍ଷାକୁ ସୁନିଶ୍ଚିତ କରିଛି ଓ କାର୍ଯ୍ୟକ୍ଷେତ୍ର ସହ ଗୋଷ୍ଠୀର ନିରାପତ୍ତା ପାଇଁ ମଧ୍ୟ ଯତ୍ନବାନ ରହିଛି।

## ଗୋଁଣ୍ଡ ରୀତିନୀତିରେ ବାହାଘର

**ଝାରସୁଗୁଡ଼ା, ୧୪।୩(ସମିସ):** ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ଓଡ଼ିଶା ପ୍ରଦେଶ ସଂଯୋଜନାରେ ଆଠମଲ୍ଲିକ ଆମ୍ବସରମୁଣ୍ଡା ଜଙ୍ଘା ବଡଦେଓ ପେନଠାନା ପରିସରରେ ଗୋଁଣ୍ଡ ସମାଜର ଏକ ସାମୂହିକ ଗଣ ବିବାହ ଆରମ୍ଭ ହୋଇଛି। ଗତ ୧୨ ତାରିଖ ଦିନ ୨୨ପାଲି ପୁଞ୍ଜିର ଅଗସ୍ତି ନାୟକ ଏବଂ କୁଷୁଣୀ ପୁଞ୍ଜିର ସଙ୍ଗୀତା ନାୟକଙ୍କ ବିବାହ ଗୋଁଣ୍ଡୱନାର ଗୋଁଣ୍ଡି ରୀତିନୀତି ଅନୁସାରେ ବାହାଘର ସମ୍ପନ୍ନ ହୋଇଛି। ଏହି ବାହାଘରର ମୁଖ୍ୟ ଲଗ୍ନିଆଁ କଳାହାଣ୍ଡିର ଦେବେନ୍ଦ୍ର ପାତ୍ର ଓ ସହଯୋଗୀ ଲଗ୍ନିଆଁ ପର୍ଶୁରାମ ପାତ୍ରଙ୍କ ଦ୍ୱାରା ବାହାଘର ସମାପନ ହୋଇଥିଲା। ନବଦମ୍ପତିଙ୍କୁ ମହାସଭାର ରାଜ୍ୟ ମହିଳା ସଭାନେତ୍ରୀ ସୁକାନ୍ତିବାଳା ନାୟକ, ଉପସଭାନେତ୍ରୀ ଦମୟନ୍ତୀ ମହାପାତ୍ର, ରାଜ୍ୟ ମହିଳା ମହାସଚିବ ସୁଜାତା ନାୟକ, ଗୋଁଣ୍ଡୱାନା ଛାତ୍ର ସଂଘର ହେମନ୍ତ କୁମାର ପାତ୍ର, ବରୁଣ ନାୟକ, ଅମର ମରେଇ, ମହାସଭାର ଅନୁଗୁଳ ଜିଲ୍ଲା ସଭାପତି ସଦାଶିବ ନାୟକ, ଆଠମଲ୍ଲିକ ଗୋଁଣ୍ଡୱନା ପରିଷଦର ସଭାପତି ଭଜମନ ନାୟକ, ଅନୁଗୁଳ ଜିଲ୍ଲା ମହିଳା ସଭାନେତ୍ରୀ ଶୋଭାଗିନୀ ନାୟକ, ଝାରସୁଗୁଡା ଜିଲ୍ଲା ସଭାପତି ଡମ୍ବରୁଧର ନାଏକ, ମହାସଚିବ ଶ୍ୟାମଲାଲ ନାଏକ, ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ପ୍ରମୁଖ ଆଶୀର୍ବାଦ ଦେଇଥିଲେ। ଆଗାମୀ ବର୍ଷ ସମଗ୍ର ରାଜ୍ୟର ୨୦ଟି ଜିଲ୍ଲାରେ ଶହେରୁ ଅଧିକ ଅସହାୟ ଗରିବ ଗୋଁଣ୍ଡ ପରିବାରର ପୁଅ ଝିଅ ମାନଙ୍କର ସାମୂହିକ ବିବାହର ଆୟୋଜନ ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ନାଏକ ଜଣାଇଛନ୍ତି।



## ଟିଟିଲାଗଡ଼ ଜେଲ୍‌ରୁ କଏଦୀ ଫେରାର୍ ଘଟଣା

# ଦିନ ଗଡୁଛି, ୨ ଫେରାର କଏଦୀଙ୍କ ସୁରାକ୍ ମିଳୁନି

**ବଲାଙ୍ଗିର, ୧୪।୩(ସମିସ)**

ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ କଏଦୀ ଫେରାର ଘଟଣା ଏବେ ଜେଲ୍ ସହ ପୁଲିସ ପ୍ରଶାସନ ପାଇଁ ମଧ୍ୟ ମୁଣ୍ଡବ୍ୟଥାର କାରଣ ପାଲଟିଛି। କୁଆଡେ ଗଲେ ଦୁଇ କଏଦୀ, ପାଚେରି ଡେଇଁ ଫେରାର ହେଲେ ନା ଜେଲରଙ୍କ ଘର ଯିବା ବାଟରେ ଫେରାର ମାରିଲେ। ଟ୍ରେନରେ ଫେରାର ହୋଇଛନ୍ତି ନା ସେମାନଙ୍କୁ ଫେରାର କରାଇବା ପାଇଁ ଆଉ କେହି ସହଯୋଗ କରିଛି। ଏହିଭଳି ଦିନ ପରେ ଦିନ ଗଡୁଛି କିନ୍ତୁ ଏଯାଏଁ ଫେରାର ଦୁଇ ଅଭିଯୁକ୍ତଙ୍କ କୌଣସି ସୂଚନା ମିଳୁନାହିଁ। ଅନ୍ୟପଟେ କେବଳ ଜଣେ ତଳିଆଙ୍କ ମୁଣ୍ଡରେ ଅଠା ବୋଲି ନେଇ ଜେଲ୍ ବିଭାଗ ମଧ୍ୟ ନିରବ ରହିଛି। ତେବେ ଫେରାର ଦୁଇ କଏଦୀ ଧରାପଡ଼ିବେ ନା କେବଳ ପୁଲିସ ନାଲିଫିତା ଭିତରେ ଚାପି ହୋଇରହିବେ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।



ଏହି ଘଟଣାରେ ଟିଟିଲାଗଡ଼ ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ଉଠିଛି ପ୍ରଶ୍ନବାଚୀ। ଦୁଇ କଏଦୀ ଜେଲରୁ ଫେରାର ହେବା ଘଟଣାକୁ ସପ୍ତାହେ ବିତିବାକୁ ବସିଲାଣି ତଥାପି ଫେରାର କଏଦୀଙ୍କୁ ଠାବ କରିବା ପାଇଁ ଖିଅ ଖୋଜୁପାଉନି ପୁଲିସ। ଜେଲରୁ ଫେରାର ହେବା ପରେ ଶୋଭାବନ ରଣା ଓ ସୁମିତ ବିହାରୀ ରାଜ୍ୟ ଭିତରେ ଲୁଚିଛନ୍ତି ନା ରାଜ୍ୟ ବାହାରକୁ ଯାଇ ଲୁଚିଛନ୍ତି ? ତାକୁ ନେଇ ପୁଲିସ ଅନ୍ଧାରରେ ବାଡି ବୁଲାଇଲା ଭଳି ତଦନ୍ତ ନାମରେ ଦିନ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି। ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ସ୍ୱର୍ଗତ ଗୋବିନ୍ଦ ସାହୁ ମଧ୍ୟ ତଦନ୍ତ ସମୟରେ ପୁଲିସ ବ୍ୟାରେକରୁ ଫେରାର ମାରିଥିଲା। ଏହାର କିଛି ଘଣ୍ଟା ଭିତରେ ତାକୁ ପୁଲିସ ଠାବ କରି ଗିରଫ କରିଥିଲା। ଏହି ମାମଲାରେ ପୁଲିସକୁ ଏତେଦିନ ଲାଗିବା ସମସ୍ତଙ୍କୁ ଚକିତ କରିଛି। ଜେଲର୍ ଚୈତନ୍ୟ ପ୍ରଧାନ ଦେଇଥିବା ସୂଚନା ଅନୁସାରେ, ଉକ୍ତ ଦୁଇ ଜଣ ଜେଲ କାର୍ଯ୍ୟାଳୟର କାମ କରିବାର ସୁଯୋଗ ନେଇ ଗତ ଶନିବାର ରାତ୍ରି ପ୍ରାୟ ୮ଟାରୁ ୮ଟା ୩୦ ଭିତରେ ଫେରାର ହୋଇଥିଲେ। ଜେଲ କର୍ତ୍ତୃପକ୍ଷ ପୁଲିସକୁ ବିଳମ୍ବିତ ରାତ୍ରିରେ ସୂଚନା ଦେଇଥିଲେ। ଏନେଇ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ସୂଚନା ପାଇବା ପରେ ତନାଘନା ଆରମ୍ଭ କରିଥିଲା।

■ ଜେଲ କର୍ତ୍ତୃପକ୍ଷ ପରେ ଏବେ ପୁଲିସ ଉପରେ ଉଠିଲାଣି ଅଙ୍ଗୁଠି

■ କଏଦୀଙ୍କୁ ଧରିବାରେ ସଫଳ ହେବ ତ ଟିଟିଲାଗଡ଼ ପୁଲିସ ?

ଜେଲର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଦୁଇ ହତ୍ୟା ମାମଲା ଅଭିଯୁକ୍ତ ଫେରାର ହେଲେ ଯାହାକୁ ନେଇ ଜେଲ ବିଭାଗ ସହ ପୁଲିସ ପାଇଁ ମଧ୍ୟ ଏହା ମୁଣ୍ଡବ୍ୟଥାର କାରଣ ପାଲଟିଛି। ଅନ୍ୟପକ୍ଷରେ ଏହି ମାମଲାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିବା ବେଳେ ତଦନ୍ତ ସମୟରେ ଜେଲ କର୍ତ୍ତୃପକ୍ଷଙ୍କ ଅବହେଳା ରହିଥିବା ନିଜେ ସମ୍ବଲପୁର ଜେଲ ଡିଆଇଜି କୁଳମଣି ବେହେରା ସ୍ପଷ୍ଟ କରିଥିଲେ। ଘଟଣାକୁ ସପ୍ତାହେ ବିତିବାକୁ ବସିଥିବା ବେଳେ କେବଳ ଜଣେ ତଳିଆ କର୍ମଚାରୀ ଜେଲ ୱାର୍ଡରଙ୍କୁ ନିଲମ୍ବିତ କରି ଜେଲ ବିଭାଗ ନିରବ ରହିଛି। ଆଜି ପର୍ଯ୍ୟନ୍ତ ସବ ଜେଲର କିମ୍ବା ଜେଲ ଅଧୀକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଦୁଇ ହତ୍ୟା ଅଭିଯୁକ୍ତଙ୍କୁ ଜେଲ କର୍ତ୍ତୃପକ୍ଷ କିଭଳି ବିଶ୍ୱାସକୁ ନେଇ କାମ କରାଉଥିଲେ, ବାହାରକୁ ଛାଡୁଥିଲେ ତାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଆଜି ପର୍ଯ୍ୟନ୍ତ ଅବହେଳା ଓ ଅନୁକମ୍ପା ପ୍ରଦର୍ଶନ କରିଥିବା ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଏହି ମାମଲାକୁ ଆହୁରି ବିବାଦୀୟ କରିଛି। ଏନେଇ ଟିଟିଲାଗଡ଼ ଥାନାଧିକାରୀ ଅବନୀ ସାହୁଙ୍କୁ ପଚାରିବାରୁ ସେ ଏବିଷୟରେ କୌଣସି ସୂଚନା ଦେଇପାରିବେ ନାହିଁ ଉପରିସ୍ଥ ଅଧିକାରୀଙ୍କୁ ପଚାରନ୍ତୁ କହି ଘଟଣାକୁ ଏଡାଇଯାଇଥିଲେ। ସେହିପରି ଟିଟିଲାଗଡ଼ ଏସଡିପିଓ ଅଙ୍କିତା କୁମ୍ଭାରଙ୍କୁ ପଚାରିବାରୁ କଏଦୀ ଫେରାର ହେବା ଘଟଣାରେ ଜେଲର ବିଳମ୍ବିତ ରାତ୍ରିରେ ସୂଚନା ଦେଇଥିଲେ। ମାମଲାର ତଦନ୍ତ ଚାଲିଛି। ସମସ୍ତ ଦିଗ ଉପରେ ଧ୍ୟାନ ଦେଇ ଚଢଉ କରାଯାଉଥିବା ପ୍ରତିକ୍ରିୟାରେ କହିଛନ୍ତି। ଏହି ମାମଲା ପୁଲିସ ପାଇଁ ସମ୍ମାନ ଓ କାର୍ଯ୍ୟଦକ୍ଷତା ପ୍ରଶ୍ନ ହୋଇଥିବା ବେଳେ ଟିଟିଲାଗଡ଼ ପୁଲିସ ଏହାକୁ ବଜାୟ ରଖିପାରିବ ନା ଦିନ ଗଡ଼ିଗଲା ପରେ ଏହି ମାମଲା ବି ନାଲିଫିତା ଭିତରେ ଚାପି ହୋଇରହିଯିବ ବୋଲି ଲୋକେ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି।

## ମନମୁଣ୍ଡା, ବାଉଁଶୁଣୀକୁ ଏନ୍ଏସି ଘୋଷଣା ପରେ ଖୁସି

**ଶଗଡ଼ା, ୧୪।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ମନମୁଣ୍ଡା ଓ ବାଉଁଶୁଣୀକୁ ଦ୍ୱିତୀୟ ପର୍ଯ୍ୟାୟରେ ଏନଏସି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ଓ କଣ୍ଟାମାଳ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଲୋକେ ରାସ୍ତାରେ ବାଜା ବଜାଇ, ବାଣ ଫୁଟାଇ, ନାଚଗୀତର ତାଳେ ତାଳେ ପରସ୍ପରକୁ ମିଠା ଖୁଆଇବା ଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଶେଷରେ କ୍ରିୟାନୁଷ୍ଠାନର ଏକ ଟିମ୍ ବିଧାୟକ ମହିଧର ରଣାଙ୍କୁ ଭେଟି କୃତଜ୍ଞତା ଜଣାଇଥିଲେ। କମିଟି ସଭାପତି ଆଶିଷ ସାହୁ, ସମ୍ପାଦକ ବୈଦ୍ୟନାଥ ହୋତା, ସାମ୍ବାଦିକ ଅକ୍ରୂର ବେହେରା, ଆବୁ ଖାଁ, କଣ୍ଟାମାଳ ବ୍ଲକ ଅଧକ୍ଷା ସସ୍ମିତା ସେନାପତି, ଜାନି ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



## ବଜ୍ରକାପ୍ତା ଚାଲାଣ ଘଟଣାରେ କୋର୍ଟ କନଷ୍ଟେବଲ ଗିରଫ

**ସିନାପାଲି, ୧୪।୩(ସମିସ):** ବଜ୍ରକାପ୍ତା ଚାଲାଣ ଘଟଣାରେ ସିନାପାଲି କୋର୍ଟ କନଷ୍ଟେବଲ ଖଡିଆଳ ଥାନା ଡୁଆଝର ଗ୍ରାମର ବ୍ରହ୍ମା ଶଙ୍କର ମେହେର (୫୩)। ଗିରଫ ହୋଇଛନ୍ତି। କିଛି ଦିନ ତଳେ ସିନାପାଲି ଓ ଛତିଶଗଡ଼ ବନ ବିଭାଗ ଚଉରା ଜଙ୍ଗଲ ନିକଟରେ ବଜ୍ରକାପ୍ତା ବିକ୍ରି ଲାଗି ଡିଲ୍ ବେଳେ ଚଢଉ କରିଥିଲା। ୧୧ କେଜିର ବଜ୍ରକାପ୍ତା ଉଦ୍ଧାର କରି ୭ଜଣ ଅଭିଯୁକ୍ତକୁ ଗିରଫ କରିଥିଲା। ଏହି ଘଟଣାରେ କନଷ୍ଟେବଲ ସମ୍ପୃକ୍ତ ଥିବା ଶେଷରେ ଜଣା ପଡ଼ିଛି। ଖଡିଆଳ ଏସିଏଫ ମହମ୍ମଦ ମୁସତାଫା ସାଲେହାଙ୍କ ନେତୃତ୍ୱରେ ସିନାପାଲି ବନ ବିଭାଗର ଏକ ଟିମ୍ ତାଙ୍କୁ ଗିରଫ କରିଛି।



## ମିଳନ ଛକର ହେବ ସୌନ୍ଦର୍ଯ୍ୟକରଣ

**ତୁଷୁରା, ୧୪।୩ (ସମିସ):** ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତୁଷୁରାଠାରେ ଗୁରୁବାର ଓଡିଶା ସରକାରଙ୍କ ଜଳସମ୍ପଦ ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ଟୁକୁନୀ ସାହୁ ମିଳନ ଛକର ସୌନ୍ଦର୍ଯ୍ୟକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲଙ୍କ ସହ ସ୍ଥାନୀୟ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

## ବନ୍ଧୁକଧାରୀ ଯୁବକ ସହ ନାବାଳକ କୋର୍ଟ ଚାଲାଣ

**ସଇଁତଲା, ୧୪।୩(ସମିସ):** ସଇଁତଲା ଥାନା ଅନ୍ତର୍ଗତ କରମତଲା ଗାଁରେ ଚାଲିଥିବା ୪୦ ପ୍ରହର ନାମଯଜ୍ଞଠାରେ ଜଣେ ନାବାଳକ ସମେତ ଜଣେ ଯୁବକ ବନ୍ଧୁକ ଦେଖାଇ ଦାଦାଗିରି ସହ ଲୋକଙ୍କୁ ଭୟଭୀତ କରି ଉକ୍ତ ଅଞ୍ଚଳରେ ଆତଙ୍କ ଖେଳାଉଥିବା ବେଳେ ଗ୍ରାମବାସୀ ସେମାନଙ୍କୁ କାବୁକରି ସଇଁତଲା ପୁଲିସକୁ ଜିମା ଦେଇଥିଲେ। ପରେ ସଇଁତଲା ପୁଲିସ ସେମାନଙ୍କଠାରୁ ଦୁଇଟି ବନ୍ଧୁକ, ଗୋଟିଏ ବାଇକ ଓ ମୋବାଇଲ ଫୋନ ଜବତ କରିବା ସହ ସଂପୃକ୍ତ ଯୁବକ ଓ ନାବାଳକକୁ କୋର୍ଟ ଚାଲାଣ କରିଛି। ଦୁଇ ଯୁବକ ମଧ୍ୟରେ ଜଣେ ନାବାଳକ ଥିବା ବେଳେ ଅନ୍ୟଜଣେ ହେଲେ ବୋଙ୍ଗୋମୁଣ୍ଡା ଥାନାଞ୍ଚଳର କୁନୁ ଅଦା ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ପୂର୍ବତନ ଆର୍ଆଇଙ୍କୁ ଜେଲ୍ ଦଣ୍ଡାଦେଶ

**ବଲାଙ୍ଗିର, ୧୪।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ତହସିଲ ମହଲେଇ ରାଜସ୍ୱ ସର୍କଲର ପୂର୍ବତନ ଆରଆଇ ସତ୍ୟନାରାୟଣ କୁମୁରାଙ୍କୁ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ। ଗୁରୁବାର ଏକ ଭିଜିଲାନ୍ସ ମାମଲାର ଶୁଣାଣି ସମୟରେ ସତ୍ୟନାରାୟଣ କୁମୁରାଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ପାଇଁ ଜେଲ୍ ଦଣ୍ଡାଦେଶ ଓ ୨ ହଜାର ଟଙ୍କା ଜରିମାନା ଲଗାଇଛନ୍ତି। ପ୍ରକାଶ ଯେ ଗତ ୨୦୧୮ ରେ ଜଣେ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କ ଜମିର ବଂଶାନୁକ୍ରମିକ ଅନୁସନ୍ଧାନ ରିପୋର୍ଟ ପ୍ରଦାନ କରିବା ପାଇଁ ସେ ଲାଞ୍ଚ ନେଇଥିଲେ। ଲାଞ୍ଚ ନେବା ସମୟରେ ସେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସତ୍ୟନାରାୟଣ କୁମୁରାଙ୍କୁ ଗିରଫ କରି ଭିଜିଲାନ୍ସ କୋର୍ଟ ଚାଲାଣ କରିଥିବାବେଳେ ତାର ମାମଲା ବିଚାରାଧୀନ ଥିଲା। ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ମାମଲାର ଫଇସଲା କରି ଦଣ୍ଡାଦେଶ ଶୁଣାଇଥିବା ଜଣାପଡ଼ିଛି।

## ମଦମୁକ୍ତି ଅଭିଯାନ କରିବାରୁ ମହିଳାଙ୍କୁ ମାଡ଼

**ବଲାଙ୍ଗିର, ୧୪।୩(ସମିସ):** ପୁଇଁତଲା ବ୍ଲକ ବିଲେଇସର୍ଡା ଗ୍ରାମବାସୀ ଗୁରୁବାର ରାତିରେ ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ମଦ ବିକ୍ରି ବନ୍ଦ କରିବାକୁ କହିଥିବା ମହିଳାଙ୍କୁ ଆକ୍ରମଣ କରାଯାଇଥିବାବେଳେ ମଦବେପାରୀ ଓ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଗ୍ରାମର ସମସ୍ତ ଏସଏଚଜି ଦଳର ମହିଳାମାନେ କୁଚିଆ ମଦ ବିକ୍ରି ବନ୍ଦ କରିବାକୁ ଅଭିଯାନ ଆରମ୍ଭ କରିଥିଲେ। ଗତ ବୁଧବାର ଦିନ ପୁଇଁତଲା ପୁଲିସ ଗାଁରେ ଚଢଉ କରିଥିଲା। ପ୍ରସନ୍ନ ପ୍ରଧାନଙ୍କ ଘରୁ ମଦ ଜବତ କରିବା ସହିତ ତାକୁ ଗିରଫ କରି ଆଣିଥିଲା। ଗୁରୁବାର ସକାଳେ ଗାଁର ହେମ ବାଗ ଗାଧୋଇ ସାରି ବନ୍ଧରୁ ଘରକୁ ଫେରୁଥିବାବେଳେ ଶୁଭମ ପ୍ରଧାନ ତାଙ୍କୁ ବାଟରେ ଅଟକାଇ ଅସଦାଚରଣ କରି ମାଡ ମାରିଥିଲା। ମହିଳା ମାନଙ୍କୁ ଆକ୍ରୋଶମୂଳକ ଭାବରେ ଏଭଳି ବ୍ୟବହାର ପ୍ରଦର୍ଶନ କରାଯାଉଥିବା ସମସ୍ତ ମହିଳା କହିଥିଲେ। ଏନେଇ ବିଲେଇସର୍ଡାର ସରପଞ୍ଚ ସୁଶାନ୍ତ ଛତ୍ରିଆଙ୍କ ନେତୃତ୍ୱରେ ମହିଳା ଓ ଗ୍ରାମବାସୀ ଥାନାରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଶିଶକେଲାରେ କ୍ରିକେଟ ପ୍ରତିଯୋଗିତା

**ସଇନ୍ତଲା, ୧୪।୩(ସମିସ):** ସଇନ୍ତଲା ବ୍ଲକ ଶିଶକେଲା ପଞ୍ଚାୟତ ଖେଳପଡିଆରେ ଶିଶକେଲା ୟୁଥ କ୍ରିକେଟ କମିଟି ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ପ୍ରଥମ ଦିନର ୪ଟି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଅମାଟ କ୍ୱାର୍ଟର ଫାଇନାଲରେ ତୁଷ୍ଟାପାଲିକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟଅତିଥି ଭାବରେ ଶିଶକେଲା ସରପଞ୍ଚ ମାଳତୀ ରଣା ଓ ସମ୍ମାନିତ ଅତିଥି ଭାବରେ ଶିଶକେଲା ସମବାୟ ସମିତି ସଭାପତି ଜୟସିଂହ ରଣା ଏବଂ ଶିଶକେଲା ହାଇସ୍କୁଲ ଖେଳଶିକ୍ଷକ ବିନୋଦ ବିହାରୀ ବେହେରା ଯୋଗଦାନ କରିଥିଲେ। ଖେଳ ପରିଚାଳନାରେ କୃଷ୍ଣା ନାଗ, ସୁଧୀର ରଣା, ଲକ୍ଷ୍ମଣ ରଣା, ପ୍ରଶାନ୍ତ ରଣା, ପରମାନନ୍ଦ ରଣା, ଆନନ୍ଦ ରଣା, ସଚ୍ଚିକାନ୍ତ ରଣା, ପ୍ରମୋଦ ନାଗ, ରମେଶ ନାଗ ଏବଂ ବିକିଜି ନାଗ ଓ ଶିଶକେଲା ୟୁଥ୍ କ୍ରିକେଟ ଟିମର ସମସ୍ତ ସଦସ୍ୟ ସହଯୋଗ କରିଥଲେ।

## ଲାଞ୍ଚ ମାମଲାରେ ପୂର୍ବତନ ଅଙ୍ଗନବାଡ଼ି ସୁପରଭାଇଜର ନିର୍ଦ୍ଦୋଷ ପ୍ରମାଣିତ

**ଭବାନୀପାଟଣା, ୧୪।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଚଟିଆଗୁଡା ସେକ୍ଟରର ତତ୍କାଳୀନ ଅଙ୍ଗନବାଡି ସୁପରଭାଇଜର ହର୍ଷମଣୀ ଦେଇ ଏକ ଲାଞ୍ଚ ମାମଲାରେ ନିର୍ଦ୍ଦୋଷ ପ୍ରମାଣିତ ହୋଇଛନ୍ତି। ଭବାନୀପାଟଣାସ୍ଥିତ ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଶିଥିକଣ୍ଠା ସାମଲ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ରାୟ ପ୍ରକାଶ କରିଛନ୍ତି। ୨୧।୧୧।୨୦୨୧ରେ ସାଗୁନଭାଡି ଗ୍ରାମର ବିକାଶ ବାଗଙ୍କଠାରୁ ତାଙ୍କର ଭଉଣୀକୁ ଅଙ୍ଗନବାଡି ଚାକିରି ଦେବା ପାଇଁ ଲାଞ୍ଚ ନେଉଥିବା ବେଳେ ସେ ଧରା ପଡ଼ିଥିଲେ। କୋରାପୁଟ ଭିଜିଲାନ୍ସ ଡିଭିଜନ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଗିରଫ କରିଥଲା। ତେବେ ସୁପରଭାଇଜରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ସା ମାମଲା ପରିଚାଳନା କରୁଥିଲେ।

## ବ୍ଲକସ୍ତରୀୟ ଆଦିବାସୀ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ

**ତୁଷୁରା, ୧୪।୩ (ସମିସ):** ଓଡିଶା ସରକାରଙ୍କ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ବଲାଙ୍ଗିର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଗୁଡଭେଲା ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଆଦିବାସୀ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁଡଭେଲା ବ୍ଲକରେ ୫୦ ପ୍ରତିଶତ ଆଦିବାସୀ ଅଛନ୍ତି। ଗୁଡଭେଲା ବ୍ଲକର ପ୍ରମୁଖ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ କନ୍ଧ, ସହରା, ଗଣ୍ଡ, ବିଂଝାଲ, ଦଳ, ମିର୍ଦ୍ଧା, କୁଡା, ଅନ୍ୟତମ। ଆଦିବାସୀଙ୍କ ଉଚ୍ଚକୋଟୀର ପାରମ୍ପରିକ କଳା, ସଂସ୍କୃତି, ଐତିହ୍ୟ, ଭାସ୍କର୍ଯ୍ୟ, ସ୍ଥାପତ୍ୟ, ଦେବଦେବୀ ପୀଠ, ନୃତ୍ୟ, ଗୀତ, ବାଦ୍ୟ, ସଙ୍ଗୀତ, ଭାଷା, ଚାଲିଚଲଣି, ପ୍ରଥା ପରମ୍ପରା, ପ୍ରକୃତି ପୂଜାର ସୁରକ୍ଷା, ସଂରକ୍ଷଣ, ପୁନରୁଦ୍ଧାର, ପ୍ରଚାର ପ୍ରସାର ପାଇଁ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଏହି ସାଂସ୍କୃତିକ ଉତ୍ସବ ଆଦିବାସୀ କଳାକାରଙ୍କ ପ୍ରତିଭାକୁ ଚିହ୍ନଟ କରି କଳାକାରଙ୍କୁ ସମ୍ମାନିତ କରିବା ଏକ ବଡ଼ ସଫଳତା ସୃଷ୍ଟି କରିଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଓଡିଶା ସରକାରଙ୍କ ଜଳସମ୍ପଦ, ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ସମ୍ମାନିତ ଅତିଥି ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ବ୍ରଜମୋହନ ବିଶୋଇ କୃତୀ କଳାକାର ସାଂସ୍କୃତିକ ଦଳ ମାନଙ୍କୁ ମାନପତ୍ର ପ୍ରଦାନ କରି କଳାକାରଙ୍କୁ ଉତ୍ସାହିତ କରିଥିଲେ। ତୁଷୁରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଅଜୟ ଜୟଶ୍ୱାଲ, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଅଗ୍ରୱାଲ, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଶ୍ୟାମସୁନ୍ଦର ଭୋଇ, ଗୁଡଭେଲା ବ୍ଲକ ସଭାପତି ଘନଶ୍ୟାମ ପ୍ରଧାନୀ ମଞ୍ଚାସୀନ ଥିଲେ। ଅପରପକ୍ଷରେ ଆଦିବାସୀ ସାଂସ୍କୃତିକ ଉତ୍ସବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପସ୍ଥିତ ଥିବାରୁ ଆଦିବାସୀମାନେ କ୍ଷୋଭ ପ୍ରକାଶ କରିଥିଲେ।



## ଡାହାଣୀ ଓ ଗୁଣିଗାରେଡି ରୋକିବା ନିମନ୍ତେ କର୍ମଶାଳା

**ନୂଆପଡ଼ା, ୧୪।୩(ସମିସ):** ସ୍ଥାନୀୟ ସଦର ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭା ପ୍ରକୋଷ୍ଠରେ ଗୁଣି ଗାରେଣୀ, ଡାହାଣୀ ପ୍ରଥା ଓ ଅନ୍ଧବିଶ୍ୱାସର ମୂଳୋତ୍ପାଟନ ପାଇଁ ଏକ କାର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ମଶାଳାରେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଆଲୋକ ଅନୁଗୁଳିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳାମାନଙ୍କ କ୍ଷେତ୍ରରେ ଡାହାଣୀ ସନ୍ଦେହକୁ କିପରି ରୋକାଯାଇ ପାରିବ, ବିଭିନ୍ନ ସରକାରୀ ବିଭାଗ ସହାୟତାରେ କିପରି ତୃଣମୂଳସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଇପାରିବ ସେ ନେଇ ଶ୍ରୀ ଅନୁଗୁଳିଆ ଆଲୋକପାତ କରିଥିଲେ। ଜିଲ୍ଲା ମାନବ ମାନବ ଚାଲାଣ ନିରୋଧ ଶାଖାର ମୁଖ୍ୟ ଆଦିତ୍ୟ ସେନ ଡାହାଣୀ ସନ୍ଦେହ ଓ ଗୁଣି ଗାରେଣୀ ଦ୍ୱାରା ପ୍ରଭାବିତ ହେଉଥିବା ମହିଳାମାନଙ୍କ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଆଇନଜୀବୀ କୁମୁଦ ହୋତା ଡାହାଣୀ ପ୍ରଥା ନିରାକରଣ ଆଇନ-୨୦୧୩ ତଥା ବିଭିନ୍ନ ଧାରା ଏବଂ ଦଣ୍ଡ ବିଧାନ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସଂଯୋଜକ ରଞ୍ଜନ ସାହୁ କହିଥିଲେ ଯେ, ବିଶେଷ କରି ସ୍ୱାସ୍ଥ୍ୟ ଜନିତ ସମସ୍ୟା ଯୋଗୁଁ ଗ୍ରାମାଞ୍ଚଳରେ ଲୋକେ ଗୁଣି ଗାରେଣୀ ଭଳି ଅନ୍ଧବିଶ୍ୱାସ ଉପରେ ଭରସା କରିଥାନ୍ତି। ଏହାର ପରିଣାମ ସ୍ୱରୂପ ଅସମୟରେ ନିରୀହଙ୍କ ଜୀବନ କଷ୍ଟମୟ ହେବା ସହିତ ଜୀବନ ଯାଉଛି। ବ୍ୟାପକ ସଚେତନତା ସୃଷ୍ଟି କରାଯାଇପାରିଲେ ଏଥିରୁ ଲୋକେ ବିରତ ରହିବେ ବୋଲି ସେ କହିଥିଲେ। ବୋଡେନ ସିଡିପିଓ ସାନ୍ତା ବାରିକ ଯୋଗଦେି ଗ୍ରାମାଞ୍ଚଳରେ ବସବାସ କରୁଥିବା ମହିଳାଙ୍କ ଉପରେ ପଡୁଥିବା କୁପ୍ରଭାବ ଏବଂ ଏ ଦିଗରେ ସଚେତନତା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ମଶାଳାରେ ଶିକ୍ଷା ବିଭାଗ, ସମସ୍ତ ସିଡିପିଓ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମସ୍ତ ସ୍ୱେଚ୍ଛାସେବୀ, ଅନୁଷ୍ଠାନ, ସ୍ୱଧାର ଗୃହର କର୍ମକର୍ତ୍ତା, ସଖୀ ସେଣ୍ଟର, ପରିବାର ପରାମର୍ଶ କେନ୍ଦ୍ରର କର୍ମକର୍ତ୍ତା, ମଣ୍ଡଳ ପରିଦର୍ଶିକା, କିଶୋରୀ ବାଳିକା ଉପସ୍ଥିତ ଥିଲେ। ରଞ୍ଜନ ସାହୁ ପରିଚାଳନା କରିଥିବାବେଳେ ସୁରକ୍ଷା ଅଧିକାରୀ ହରିପ୍ରିୟା ପଟେଲ ଧନ୍ୟବାଦ ଅପର୍ଣ କରିଥିଲେ।

■ ଆର୍ଏନ୍ ସିଂଦେଓ ସ୍ମାରକୀ ପାଟନା କପ୍ କ୍ରିକେଟ୍

## ବଲାଙ୍ଗିର ଜୋନ୍‌ରେ ୱାର୍ଡ ନଂ ୧୪ ଶୀର୍ଷରେ

**ବଲାଙ୍ଗିର, ୧୪।୩(ସମିସ):** ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ମାରକୀ କ୍ରିକେଟ, ବଲାଙ୍ଗିର ପାଟନା କପ-୨୦୨୪ର ପଞ୍ଚମ ଦିନର ଖେଳ ପିଆର ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜୋନ୍‌ରୁ ୱାର୍ଡ ନଂ ୧୪ ଶୀର୍ଷରେ ରହିଥିବା ବେଳେ ଭୂତିଆରବାହାଲ ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ ବ୍ରହ୍ମଣୀଯୋର ଶୀର୍ଷରେ ରହିଛନ୍ତି। ଆସନ୍ତା ୧୬ ମାର୍ଚ୍ଚରେ ଦୁଇଟି ସେମିଫାଇନାଲ ଏବଂ ଗୋଟିଏ ଫାଇନାଲ ମ୍ୟଚ ଅନୁଷ୍ଠିତ ହେବ। ଟିମ ହେଲେ, ବଲାଙ୍ଗିର ଜୋନ ୱାର୍ଡ ନଂ ୧୪, ହରଡ଼ାଟାଲ ଜୋନରୁ ଝାଙ୍କରପାଲି, ଜରାସିଂହା ଜୋନରୁ ଦେଓଗାଁ, ଭୂତିଆରବାହାଲ ଜୋନରୁ ବ୍ରାହ୍ମଣୀଯୋର। ଖେଳ ପରିଚାଳନା କରିଥିଲେ ବୁଦ୍ଧିରାଜ ବିଶ୍ୱାଳ, ସତ୍ୟନାରାୟଣ ପଟେଲ, ପୁରନ୍ଦର ସେଠ, ରାଜକୁମାର ପାଣିଗ୍ରାହୀ, କ୍ଷିତେଶ୍ୱର ବିଶ୍ୱାଳ, ସୁଦର୍ଶନ ସେଠ, ସୌରଭ ପ୍ରଧାନ, ଉମାକାନ୍ତ ପ୍ରଧାନ,ବୈକୁଣ୍ଠ ଜେନା, ଜନାର୍ଦ୍ଦନ ସାହୁ, ପ୍ରଶ୍ନାନନ୍ଦ ବାଗ, ରାଜେଶ କୁମ୍ଭାର, ବେଦବ୍ୟାସ ପ୍ରଧାନ, ଗଜାନନ ସାଇ, ବିଭୁତି ସ୍ୱାଇଁ, କୁଞ୍ଜ ବିହାରୀ ବେହେରା, ମୁକେଶ ସ୍ୱାଇଁ, ଜଳନ୍ଧର ସାହୁ ବଦ୍ରି ନାରାୟଣ ନାଏକ। ସୁମନ ନନ୍ଦ, ବୁଲୁ ବେହେରା ଶତ୍ରୁଘନ ବାଗ, ସନ୍ତୋଷ ଦନ୍ତା, ସୁବଳ ମହାକୁର, ନୀତେଶ ପୋଡ଼, ରାଜେନ୍ଦ୍ର ହୋତା ସହଯୋଗ କରିଥିଲେ। ପୂର୍ବତନ ରାଜ୍ୟସଭା ସାଂସଦ ଅନଙ୍ଗ ଉଦୟ ସିଂ ଦେଓ, ପୌରାଧକ୍ଷା ଲିକା ସାହୁ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସଭା ପରିଚାଳନା କରିଥିଲେ।




### ୨୦ ଟଙ୍କା ନେଇ ଗାଡ଼ି ଛାଡ଼ିବା ପ୍ରସଙ୍ଗ

# କାର୍ଯ୍ୟାନୁଷ୍ଠାନ ନେବାକୁ କୁଣ୍ଠୁକୁଣ୍ଠୁ ପୁଲିସ

**ବଲାଙ୍ଗିର, ୧୪।୩(ସମିସ)**

ବଲାଙ୍ଗିର ସହରକୁ ଭାରୀଯାନର ଅବୈଧ ପ୍ରବେଶ ଏବେ ଚରମ ସୀମାରେ। ଜରୁରିକାଳୀନ ସ୍ଥିତି ଆଳରେ ନୋ ଏଣ୍ଟ୍ରି ସମୟରେ ମାଲବାହୀ ଭାରୀଯାନ ପଶୁଛି। କହିବାକୁ କେହି ନାହାନ୍ତି। କାରଣ ବେଆଇନ ଭାବରେ ପ୍ରବେଶ କରୁଥିବା ଗାଡିବାଲାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନି ପୁଲିସ। ଯାହାକି ସେମାନଙ୍କ ମଧ୍ୟରେ ଭିତିରି ବୁଝାମଣା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଗତ ସୋମବାର ଡାବର ନେଇ ଆସୁଥିବା ଏକ ଗାଡି କାହାକୁ ୨୦ ଟଙ୍କା ଦେଇ ସହରକୁ ପ୍ରବେଶ କରିଥିବା ଜଣାପଡ଼ିଥିଲା। ଟ୍ରାଫିକ ଦାୟିତ୍ୱରେ ଥିବା ଏଏସଆଇ ଦୟାନିଧି ଷଡଙ୍ଗୀ ଏବେ ଛୁଟିରେ ଅଛନ୍ତି। ଟାଉନ ଥାନା ଆଇଆଇସି ପ୍ରତିକ୍ରିୟା ଦେଇଥିଲେ ଘଟଣାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୁଲିସ ତରଫରୁ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ? ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଟ୍ରାଫିକ ବିଭାଗର ନିଷ୍କ୍ରିୟତାର ସୁଯୋଗ ନେଇ ଗାଡି ଡ୍ରାଇଭରମାନେ ବେଲଗାମ ଭଳି ଗାଡିଚାଳନା କରୁଛନ୍ତି। ଯେଉଁଥିପାଇଁ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଉଛି। ବଲାଙ୍ଗିର ପୁଲିସ ଅଧୀନସ୍ଥ ଟ୍ରାଫିକ ବିଭାଗର ଏଭଳି ପରିସ୍ଥିତି ଲୋକଙ୍କ ମନରେ ଅସନ୍ତୋଷ ବଢ଼ାଇଛି। ଟାଉନ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ଏ ସମ୍ପର୍କରେ କହିଛନ୍ତି, ତଦନ୍ତ ଚାଲିଛି ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ।



### ସେମାନଙ୍କ ମତ..



ବଲାଙ୍ଗିର ସହରରେ ଟ୍ରାଫିକ ସମସ୍ୟା ଦୀର୍ଘ ଦିନର। ଏହାର ସମାଧାନ ପାଇଁ ବାରମ୍ବାର ଆନ୍ଦୋଳନ ହୋଇଛି। ପୁଲିସ ନୀରବ ଦର୍ଶକର ଭୂମିକା ନିର୍ବାହ କରୁଛି। ଅନେକ ସମୟରେ ଟଙ୍କା ନେଇ ଗାଡି ଛାଡୁଥିବା ଆଲୋଚନା ହୁଏ। ଟ୍ରାଫିକର ଦାୟିତ୍ୱରେ ଥିବା ଅଧିକାରୀ କର୍ମଚାରୀମାନେ ଯଦି ଏଭଳି ଅବହେଳା କରିବେ ଲୋକଙ୍କ ସୁରକ୍ଷା କାହା ହାତରେ ତାହା ଏବେ ବଡ ପ୍ରଶ୍ନ।

**ମନୋରଞ୍ଜନ ସାହୁ, ଶିକ୍ଷାବିତ୍**



ବଲାଙ୍ଗିରରେ ବାରମ୍ବାର ଟ୍ରାଫିକ ସମସ୍ୟା ଦେଖିବାକୁ ମିଳୁଛି। ଟ୍ରାଫିକ ଓ ପୁଲିସ ଥାଇବି ବଡବହିଆ ଗାଡି ନୋ ଏଣ୍ଟ୍ରି ସମୟରେ ପ୍ରବେଶ କରୁଛି। ଦୁର୍ଘଟଣା ଘଟି ଅକାଳରେ ଲୋକଙ୍କ ଜୀବନ ଯାଉଛି। ଯଦି ପ୍ରଶାସନ ଠିକ ଭାବରେ ଦାୟିତ୍ୱ ସମ୍ପାଦନ କରନ୍ତେ ତାହେଲେ ବଲାଙ୍ଗିରରେ ବଡବଡ ଦୁର୍ଘଟଣା ହୁଅନ୍ତା ନାହିଁ।

**ବିକାଶ ସା, ଯୁବ ସମାଜସେବୀ**



କାହାର ଅବହେଳା ବା ମଧୁଚନ୍ଦ୍ରିକାରେ ଗାଡି ନୋ ଏଣ୍ଟ୍ରି ସମୟରେ ସହରକୁ ପଶୁଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିହାତି ଆବଶ୍ୟକ। ଏଥିପାଇଁ ସହରର ସମସ୍ତ ଜନସାଧାରଣଙ୍କ ସମେତ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ପୁଲିସର ଅବହେଳା ପାଇଁ ଲୋକେ ମୃତ୍ୟୁମୁଖରେ ପଡ଼ିବା କାହା ପାଇଁ ସହ୍ୟ ହେବ ?

**ଅଙ୍କିତ ସାହୁ, ଛାତ୍ର ନେତା**

# ଖଣ୍ଡହତା, ଗାଈସୀମାରେ ଡିଜିଟାଲ ଶିକ୍ଷାଦାନ

**ବରଗଡ଼,୧୪।୩(ସମିସ):** ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ୍ ପ୍ରାୟୋଜିତ ଭାରତ ସରକାରଙ୍କ ସ୍କିଲିଂ ଇଣ୍ଡିଆ ଅଭିଯାନ ଅନ୍ତର୍ଗତ ଭ୍ରାମ୍ୟମାଣ ସ୍କିଲିଂ ଇଣ୍ଡିଆ ବସ୍ ମାଧ୍ୟମରେ ବରଗଡ଼ ସଦର ବ୍ଲକସ୍ଥିତ ଖଣ୍ଡହତା ଏବଂ ଗାଈସୀମା ଗ୍ରାମରେ ଡିଜିଟାଲ ଶିକ୍ଷାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତିନି ଦିନରେ ୫୬ ଜଣ ଶିକ୍ଷାର୍ଥୀଙ୍କୁ କମ୍ପ୍ୟୁଟର ଓ ୟୁପିଆଇ ସମ୍ବନ୍ଧୀୟ ସାଧାରଣ ଶିକ୍ଷା ପ୍ରଦାନ କରାଯାଇଥିଲା; ଯାହାକି ସେମାନଙ୍କର ସାମ୍ପ୍ରତିକ ଜୀବନଯାତ୍ରାକୁ ସୁଗମ କରିବା ସହ ପ୍ରତ୍ୟେକ କ୍ଷେତ୍ରରେ ସହାୟକ ହେବ। ଆଗାମୀ ଦିନରେ ଅଧିକରୁ ଅଧିକ ସଂଖ୍ୟକ ଶିକ୍ଷାର୍ଥୀ କେମିତି ଏହି ଅଭିଯାନରେ ସାମିଲ୍ ହୋଇ ଏହାର ଲାଭ ପାଇବେ ସେ ଦିଗରେ ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ ସର୍ବଦା ତତ୍ପରତାର ସହିତ କାମ କରିବ ବୋଲି କୁହାଯାଇଛି।



ବ୍ଲକରୁ ଜିଲ୍ଲା ମୁଖ୍ୟାଳୟକୁ ଗଡ଼ିଲା ଲକ୍ଷ୍ମୀ ବସ୍

# ଗାଇସିଲେଟରୁ ପ୍ରଥମ ଏ.ସି ବସ୍‌ର ଶୁଭାରମ୍ଭ

**ଗାଇସିଲେଟ, ୧୪।୩(ସମିସ)**

ଗାଇସିଲେଟ ବ୍ଲକରୁ ବରଗଡ଼ ଜିଲ୍ଲା ସଦରମହକୁମାକୁ ଲକ୍ଷ୍ମୀ ବସ୍ ର ଶୁଭାରମ୍ଭ ହୋଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଗାଇସିଲେଟ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଗାଇସିଲେଟ ଗୋଷ୍ଠୀ ଉନ୍ନୟନ ଅଧୀକାରୀ ଲକ୍ଷ୍ମଣ ମାଝୀ, ଥାନାଧିକାରୀ ପ୍ରଶାନ୍ତ କୁମାର ସାମଲ, ସରପଞ୍ଚ ଶରତ କାଲୋ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ତ୍ରିବେଦୀ, ପୂର୍ବତନ ସରପଞ୍ଚ ଭାରତ ଦାସ, ବିଜେପୁର ସାମ୍ବାଦିକ ସଂଘ ପକ୍ଷରୁ ଶିବପ୍ରସାଦ ବିଶ୍ୱାଳ, ସଞ୍ଜୀବ ପୁରୋହିତ, ଗୋପାଳ ସାହୁ, ଯୋଗୀନ୍ଦ୍ର ସାହୁ, ଗାଇସିଲେଟ ଓକିଲ ସଂଘ, ଗାଇସିଲେଟ ବଣିକ ସଂଘ ପ୍ରମୁଖ ଯୋଗ ଦେଇଥିଲେ। ଏହି ବ୍ଲକ୍ ରୁ ଜିଲ୍ଲା ସଦର ମହକୁମାକୁ ପ୍ରଥମକରି ସରକାରୀ ଶୀତତାପ ନିୟନ୍ତ୍ରିତ ବସ ଚାଲୁ ହୋଇଛି। ଯାହାକି ସମସ୍ତଙ୍କୁ ସ୍ୱପ୍ନ ପରି ଲାଗୁଛି ବୋଲି ସାଧାରଣ ଯାତ୍ରୀମାନେ ପ୍ରକାଶ କରିଛନ୍ତି।

ବସ୍‌ଟି ସକାଳ ୭.୧୦ରୁ ଗାଇସିଲେଟରୁ ବାହାରି



ଯୋଗୀମଠ, ବାନ୍ଧୁବାହାଲ, ବିଜେପୁର, ଗଣ୍ଡପାଲି, ଏସ ଡୁମ୍ବେରପାଲି, ନିଲେଶର, ଆମ୍ବାପାଲି ଦେଇ ବରଗଡ଼କୁ ୯.୧୫ରେ ପହଞ୍ଚିବ। ପୁଣି ବରଗଡ଼ରୁ ୯.୩୦ରେ ବାହାରି ସେହି ରୁଟ୍‌ରେ ଯାଇ ୧୧.୪୫ରେ ଗାଇସିଲେଟ ପହଞ୍ଚିବ। ତା'ପରେ ଦିନ ୨ଟାରୁ ବାହାରି ୩.୪୦ରେ ବରଗଡ଼ ପହଞ୍ଚିବ। ଆଉ ୪.୩୦ରେ ବରଗଡ଼ରୁ ବାହାରି ସନ୍ଧ୍ୟା ୬.୪୫ରେ ଗାଇସିଲେଟ ପହଞ୍ଚିବ। ଦିନକୁ ଦୁଇ ଥର ବରଗଡ଼କୁ ଯିବାଆସିବା କରିବ ବୋଲି ଡିଷ୍ଟ୍ରିକ୍ଟ ମେନେଜର ଭକ୍ତଚରଣ ସାହୁ କହିଛନ୍ତି। ଗାଇସିଲେଟରୁ ବରଗଡ଼କୁ ସାଧାରଣ ଲୋକଙ୍କ ପାଇଁ ୮୦ ଟଙ୍କା ଭଡ଼ା ହୋଇଥିବା ବେଳେ ମହିଳା, ଛାତ୍ରଛାତ୍ରୀ ଓ ଶାରୀରିକ ଅକ୍ଷମଙ୍କ ପାଇ ମାତ୍ର ୧୦ ଟଙ୍କା ଭଡ଼ା ଦେବାକୁ ପଡ଼ିବ। ବ୍ଲକରୁ ଜିଲ୍ଲା କାର୍ଯ୍ୟାଳୟକୁ ଜନସାଧାରଣ ଲକ୍ଷ୍ମୀ ବସରେ ସୁବିଧାରେ ଯାତାୟାତ କରିପାରିବେ ବୋଲି ରାଜ୍ୟ ସରକାରଙ୍କ ଏହି ମହତ ଉଦ୍ଦେଶ୍ୟ ପ୍ରଶଂସିତ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ମନ୍ତ୍ରୀ ତଥା ବିଜେପୁର ବିଧାୟିକା ରିତା ସାହୁ, ବରଗଡ଼ ବିଜେଡି ଜିଲ୍ଲା ସଭାପତି ପ୍ରଭାସ ସିଂ, ବିଜେଡି ନେତ୍ରୀ ନିହାରିକା ଗିରି, ଜିଲ୍ଲା ବିଜେଡି ଯୁବ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ପ୍ରମୁଖ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ୨୧ରେ ସାମୂହିକ ବ୍ରତୋତ୍ସବ ଚୂଡ଼ାନ୍ତ

**ବରପାଲି, ୧୪।୩ (ସମିସ):** ବରପାଲି ନରସିଂହ ମନ୍ଦିର ପରିସରରେ ବ୍ଲକ ସନାତନୀ ବ୍ରାହ୍ମଣ ସମାଜ ପକ୍ଷରୁ ଏକ ସାଧାରଣ ବୈଠକ ହୋଇଯାଇଛି। ସମାଜ ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ ବରିଷ୍ଠ ପଣ୍ଡିତ ହେମନ୍ତ ମିଶ୍ରଙ୍କ ଦ୍ୱାରା ସାମୂହିକ ଗାୟତ୍ରୀ ମନ୍ତ୍ର ପଠନ ପରେ ସାଧାରଣ ସଂପାଦକ ଶରତଚନ୍ଦ୍ର ପାଣିଗ୍ରାହୀ ସଭାର ଆଭିମୁଖ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବର୍ତ୍ତମାନ ସୁଦ୍ଧା ୬ ଜଣ ବଟୁ ଆବେଦକ ରହିଥିବା ବେଳେ ଆସନ୍ତା ମାର୍ଚ୍ଚ ୨୦ ତାରିଖରେ ଚାରିକର୍ମ ଓ ୨୧ ତାରିଖରେ ବ୍ରତୋପୟନ ସମାରୋହ ନରସିଂହ ମନ୍ଦିର ଓ ମାରୱାଡି ଧର୍ମଶାଳା ପ୍ରାଙ୍ଗଣରେ ଆୟୋଜନସ୍ଥଳ ଭାବରେ ଧାର୍ଯ୍ୟ କରାଯାଇଥିଲା। ପଣ୍ଡିତ ସରୋଜ ଦାଶ, ପଞ୍ଚାନନ ପାଣିଗ୍ରାହୀ, ଦାମୋଦର ପଣ୍ଡା, ଆନନ୍ଦ ପ୍ରସାଦ ଦାଶ, ଯୋଗେଶ ଦାଶ, ନିମାଇଁ ଚରଣ ପଣ୍ଡା, ଅରୁଣ ପଣ୍ଡା, ରମେଶଚନ୍ଦ୍ର କର, ମାନଭଞ୍ଜନ ଦାଶ, ଚତୁର୍ଭୁଜ ମହାପାତ୍ର, ମଧୁମଙ୍ଗଳ ମିଶ୍ର, ଦେବାନନ୍ଦ ଦାଶ, ବୀର ଦାଶ, ବିନୋଦ ସୁଶାରୀ ପ୍ରମୁଖ ଭାଗ ନେଇଥିଲେ। ଆବାହକ ପଣ୍ଡିତ ସଦାନନ୍ଦ ଦାଶ ଧନ୍ୟବାଦ ଦେଇଥିଲେ।



# ସୋରିଷ ଶସ୍ୟ କାଟ୍ ପରୀକ୍ଷଣ କାର୍ଯ୍ୟକ୍ରମ




**ବରଗଡ଼, ୧୪।୩ (ସମିସ):** ସୋହେଲା ବ୍ଲକ ଅନ୍ତର୍ଗତ ଜଟଲା ଗ୍ରାମରେ ସୋରିଷ ଫସଲର ଇକ୍ରିସାଟ ଓ ମହାଶକ୍ତି ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଶସ୍ୟ କାଟ ପରୀକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଏହି ବର୍ଷ ଓଡିଶା ସରକାରଙ୍କ ରାଇସ ଫେଲୋ କାର୍ଯ୍ୟକ୍ରମରେ ସୋରିଷ ଫସଲ ଭଲ ଅମଳ ହୋଇଛି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଲା ଗ୍ରାମର ଚାଷୀ କୁମର ଭୋଇଙ୍କ ଚାଷଜମିରେ ପାଞ୍ଚ ମିଟର ଲମ୍ବ ଓ ଓସାର ବିଶିଷ୍ଟ ପ୍ଲଟରେ ଶସ୍ୟ କାଟ ପରୀକ୍ଷଣ କରାଯାଇଥିଲା। ବିଶ୍ୱମଣି ଭୋଇ, ଗ୍ରାମ୍ୟ କୃଷି ଅଧିକାରୀ, ଚୁମ୍ବିଲାଲ ଦ୍ୱାରି, ମହାଶକ୍ତି ଫାଉଣ୍ଡେସନ, ମିହିର କୁମାର, ଇକ୍ରିସାଟ ଏବଂ ଗ୍ରାମର ଚାଷୀ, ବିରାଟ ଭୋଇ, ପ୍ରତାପ ସାହୁ ଯୋଗଦାନ କରିଥିଲେ।

# ନୂତନ ବିଡିଓଙ୍କୁ ସମିତିସଭ୍ୟ ସଂଘର ସମ୍ବର୍ଦ୍ଧନା

**ବରପାଲି, ୧୪।୩ (ସମିସ):** ବରପାଲି ବ୍ଲକ ସମିତିସଭ୍ୟ ସଂଘର ସଭ୍ୟସଭ୍ୟାମାନେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ୍ତ କୁମ୍ଭାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଗୁରୁବାର ଅପରାହ୍ନରେ ବ୍ଲକ ଅଧ୍ୟକ୍ଷା ରିନା ଥଇତଙ୍କ ସମେତ ସଂଘସଭାପତି ନାରାୟଣ ପଧାନ ଓ ସଦସ୍ୟମାନେ ନୂଆ ବିଡିଓ କୁମ୍ଭାର ବାବୁଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ମାଧ୍ୟମରେ ଅଭିନନ୍ଦନ ଜଣାଇଥିଲେ। ସମ୍ପାଦକ ରେଣୁକା ଉଁଏନା, ସହସମ୍ପାଦକ ଶାନ୍ତି ନାଏକ, ଅନି ଭୁଏ, କ୍ଷୀରବତି ଭୁଏ, ଉପସଭାପତି ଜାମିନୀ ପଧାନ ଓ ଉପେନ୍ଦ୍ର ବାଗ, କୋଷାଧ୍ୟକ୍ଷ ଚମ୍ପା ସାହୁ, ଉପଦେଷ୍ଟା ଗୋକୁଳ ପଧାନ, ତ୍ରିଲୋଚନ ମେହେର, ଅଚ୍ୟୁତାନନ୍ଦ ନାଏକ, ମାନ ସେଠ, ଯୋଜନା ମଟାରୀ, ବିମଳା ବିଶି, ସୁଶୀଲ ନାଗ ଓ ଜୟଲକ୍ଷ୍ମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ବ୍ଲକ ଓ ବିଭିନ୍ନ ପଞ୍ଚାୟତରେ ହେଉଥିବା କାର୍ଯ୍ୟକ୍ରମର ଉଚିତ ମାର୍ଗ ନିରୂପଣ ଏବଂ ପୂର୍ଣ୍ଣ ସହଯୋଗ ପାଇଁ ପ୍ରତିଶ୍ରୁତି ଜଣାଇଥିଲେ।




## ବାଲ୍ୟ ବିବାହକୁ ବନ୍ଦକଲା ଶିଶୁ ବିଭାଗ

**ପଦ୍ମପୁର, ୧୪।୩ (ସମିସ):** ସରକାର ବାଲ୍ୟ ବିବାହକୁ ସଂପୂର୍ଣ୍ଣ ବନ୍ଦ କରିବାକୁ ପ୍ରୟାସ କରୁଛନ୍ତି। ତୃଣମୂଳ ସ୍ତରରୁ ସଚେତନତା ସହ ସତର୍କତା ଅବଲମ୍ବନ କରାଯାଇଛି। ପ୍ରତ୍ୟେକ ଗ୍ରାମରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀମାନେ ଏହି ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ତୀକ୍ଷଣ ନଜର ରଖିଛନ୍ତି। ଫଳରେ ବାଲ୍ୟ ବିବାହ ବନ୍ଦ କରାଯାଉଛି। ଏପରି ଏକ ଘଟଣା ପଦ୍ମପୁର ଉପଖଣ୍ଡ ସାପଲହର ଗ୍ରାମରେ ହେବାକୁ ଯାଉଥିଲା। ଜଣେ ୧୬ ବର୍ଷର ଝିଅ ଆସନ୍ତା ୧୮ ରେ ବିବାହ କରିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଥିଲା। ସମନ୍ୱିତ ଶିଶୁ ବିକାଶ ଅଧିକାରୀ ବାସନ୍ତୀ ପୂର୍ତ୍ତୀ, ସୁପରଭାଇଜର ସୁନୁସୁତା ସାହୁ, ସରପଞ୍ଚ ସବିତା ସାହୁ, ଅଙ୍ଗନବାଡି କର୍ମୀ ରାଜକୁମାରୀ ସାହୁ, ରାଜେଶ୍ୱରୀ ଧରୁଆ, ହେମବନ୍ତୀ ଭୋଇ, ଦମୟନ୍ତୀ ଭୋଇ, ଲକ୍ଷ୍ମୀ ଭୋଇଙ୍କ ଉପସ୍ଥିତିରେ ଉଭୟ ପୁଅ ଝିଅଙ୍କୁ ସମସ୍ତ ନିୟମ ଅବଗତ କରିଥିଲେ। ଶେଷରେ ବିବାହ ପ୍ରସ୍ତାବକୁ ବନ୍ଦ କରାଯାଇଛି। ସାବାଳିକା ହେବା ପରେ ବିବାହ କରିବାକୁ ରାଜି ହୋଇଥିଲେ।

## ଯୁବ ଫୁଟ୍‌ବଲ ଖେଳାଳିଙ୍କୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ

**ପଦ୍ମପୁର, ୧୪।୩(ସମିସ):** ପଦ୍ମପୁର ବ୍ଲକରେ ଯୁବ ଫୁଟବଲ ଖେଳାଳିଙ୍କୁ ରାଜ୍ୟସରକାରଙ୍କ ତରଫରୁ କ୍ରୀଡା ସାମଗ୍ରୀ ବଣ୍ଟନ କରାଯାଇଛି। ଯୁବ ସମାଜକୁ ଖେଳ ପ୍ରତି ଆକୃଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ, ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ଖେଳାଳିଙ୍କୁ ପ୍ରୋତ୍ସାହିତ କରିଆସୁଛନ୍ତି। ବିଗତ ଦିନରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ଲକ ସ୍ତରରେ ବିଭିନ୍ନ ପ୍ରତିଯୋଗିତା କରାଇ ଖେଳାଳି ମାନଙ୍କୁ ପୁରସ୍କୃତ କରିଆସୁଥିବା ବେଳେ ଆଜି ପଦ୍ମପୁର ବ୍ଲକରେ କ୍ରମାଗତ ଭାବରେ ଫୁଟବଲ ଖେଳୁଥିବା ୧୨ଟି ଦଳକୁ ଖେଳ ପାଇଁ ଆବଶ୍ୟକ କ୍ରୀଡା ସାମଗ୍ରୀ ବଣ୍ଟନ କରାଯାଥିଲା। ଏହି କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବରଗଡ ଅଧ୍ୟକ୍ଷା ସୁଶୀଳା ଭୋଇ ଉପସ୍ଥିତ ଥିଲେ।

■ କେଉଁ ଅଧିକାରୀଙ୍କ ଛତ୍ରଛାୟାରେ ଥିଲେ ସଂଯୋଜିକା?

# ଭିଜିଲାନ୍ସ ଜାଲରେ ପଡ଼ିବା ପରେ ଏବେ ଅଧିକାରୀ ଅଡୁଆରେ

**କୁଚିଣ୍ଡା, ୧୪।୩(ସମିସ) :** କୁଚିଣ୍ଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଆଦିବାସୀଙ୍କୁ ଜମି, ଜଳ, ଜଙ୍ଗଲର ସମ୍ପୂର୍ଣ୍ଣ ଅଧିକାର ଦେବା ପାଇଁ ଜଙ୍ଗଲ ଜମି ଅଧିକାର ଆଇନରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରୁଥିଲା। ଗତ କିଛି ବର୍ଷ ହେଲା ଏହି କାର୍ଯ୍ୟ ପାଇଁ ଭୁବନେଶ୍ୱର ବସୁନ୍ଧରା ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନକୁ ପଟ୍ଟା ବଣ୍ଟନ ସହ ଜଙ୍ଗଲ ଜମି ସମ୍ବନ୍ଧୀୟ କାର୍ଯ୍ୟକ୍ରମ ନିର୍ବାହ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା। କୁଚିଣ୍ଡା ଉପଖଣ୍ଡର କୁଚିଣ୍ଡା, ଜମନକିରା ଓ ବାମରା ବ୍ଲକରେ ଏଥିପାଇଁ ଜଣେ ଲେଖାଏଁ ସଂଯୋଜିକାକୁ ଠିକାରେ ନିଯୁକ୍ତି ଦିଆଯାଇଥିଲା। ଆଇଟିଡିଏ କାର୍ଯ୍ୟାଳୟ ଭିତରେ ଏକ କୋଠରୀରେ ଏହି ଜଙ୍ଗଲ ଜମି ସମ୍ବନ୍ଧୀୟ କାର୍ଯ୍ୟ କରାଯାଇ ଆସୁଥିଲା ଏବଂ ଖୋଦ ଆଇଟିଡିଏର ଜଣେ ଅଧିକାରୀ ଏହାର ତଦାରଖ କରୁଥିଲେ। ୨ ବର୍ଷ ହେବ ଆଇଟିଡିଏରୁ ଏହି ଏଫ୍ଆର୍ଏ ବିଭାଗକୁ କୁଚିଣ୍ଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଏକ କୋଠରୀକୁ ସ୍ଥାନାନ୍ତର କରାଯାଇଥିଲା। କୁଚିଣ୍ଡା ପ୍ରଶାସନର ନାକ ତଳେ ଜଙ୍ଗଲ ଜମି ପଟ୍ଟା କରାଇ ଦେବା ପାଇଁ ଭିଜିଲାନ୍ସ ଜାଲରେ ପଡ଼ିଥିବା ସଂଯୋଜିକା ନିଖତ ପରବୀନ ସରଳ ଆଦିବାସୀ ମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଟଙ୍କା ଲୁଟ କରି ଚାଲିଥିଲେ ବୋଲି ଅଭିଯୋଗ ହୋଇ ଆସୁଥିଲା। ବର୍ଷ ତଳେ ଉକ୍ତ ସ୍ୱେଚ୍ଛାସେବୀ ଠିକାସଂସ୍ଥା ବସୁନ୍ଧରା ଉଠି ଯାଇଥିଲା। ଠିକା ସଂସ୍ଥା ଉଠିଯିବା ପରେ ମଧ୍ୟ କାହା ସାହସରେ ଓ କେଉଁ ଅଧିକାରୀଙ୍କ ଇଙ୍ଗିତରେ ସଂପୃକ୍ତ ସଂଯୋଜିକା ଏଭଳି ଦୁର୍ନୀତି ଚଳାଇ ଆସୁଥିଲେ ତାହା ଏବେ ଚର୍ଚ୍ଚାର ପରିଧିକୁ ଆସିଛି। ଭିଜିଲାନ୍ସ ଜାଲରେ ପଡ଼ି ଜେଲ ଯାଇଥିବା ସଂଯୋଜିକା ଏନେଇ ୨ ଜଣ ଅଧିକାରୀଙ୍କ ନାମ ଭିଜିଲାନ୍ସ ଅଧିକାରୀ ମାନଙ୍କୁ ତାଙ୍କ ବୟାନରେ କହିବା ପରେ ଏହି ଅଧିକାରୀଙ୍କୁ ଏବେ ଛନ୍‌କା ପଶିଛି। ଏହି ଅଧିକାରୀ ମାନଙ୍କ କାର୍ଯ୍ୟକଳାପ ସଂଦେହ ଘେରକୁ ଆସିଛି। ଅତି ଅଳ୍ପ ଦିନରେ ସଂପୃକ୍ତ ସଂଯୋଜିକା ବିଳାସପୂର୍ଣ୍ଣ କୋଠରୀରେ ଆଇଟିଡିଏ କିମ୍ବା ବିଭିନ୍ନ କାର୍ଯ୍ୟାଳୟର ଗାଡ଼ି ଆଗ ସିଟ୍‌ରେ ବସି ଜଣେ ସରକାରୀ ଅଧିକାରୀ ଭଳି ଯାତାୟତ କରିବା ସହିତ ସରଳ ଆଦିବାସୀଙ୍କୁ ଲୁଟି ଚାଲିଥିଲେ ବୋଲି ଅଭିଯୋଗ ହେଉଛି। ବିଭିନ୍ନ ସମୟରେ ଉପଖଣ୍ଡର ବିଭିନ୍ନ ଗ୍ରାମାଞ୍ଚଳର ଜଙ୍ଗଲ ଜମି ହିତାଧିକାର ଆଇନରେ ନୂତନ ପଟ୍ଟା ତିଆରି କରି ଦେବାର ବାହାନ କରି ଏକର ପ୍ରତି ୨ ହଜାରରୁ ୨୪ ହଜାର ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ନେଇ ଆସୁଥିବା ଅଭିଯୋଗ ଉଠିଛି। ଏହି ସଂଯୋଜିକାଙ୍କ ଶିକ୍ଷାଗତ ଯୋଗ୍ୟତା ନେଇ ମଧ୍ୟ ନାନା କଥା ଆଲୋଚନା ହେଉଛି। ସଂଯୋଜିକାଙ୍କ କାର୍ଯ୍ୟରେ ଅତିଷ୍ଠ ହୋଇ ଲୋକେ ଦୁର୍ନୀତି ନିବାରଣ ବିଭାଗର ଦ୍ୱାରସ୍ଥ ହୋଇଥିବା ବେଳେ ଗତ ସୋମବାର ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି ଜେଲ ହାଜତକୁ ପଠାଇ ଦେଇଛି। ତେବେ ଏହି ଦୁର୍ନୀତି ପଛରେ ଥିବା ବଡ଼ ଅଧିକାରୀ ମାନେ ଏବେ ଖସିଯିବାକୁ ଉଦ୍ୟମ ଜାରି ରଖିଛନ୍ତି। ଏହି ଦୁର୍ନୀତି ଉପରେ ଅଧିକ ତଦନ୍ତର ଆବଶ୍ୟକତା ରହିଥିବାରୁ ଭିଜିଲାନ୍ସ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ମୋ ଜଙ୍ଗଲ ଜମି ଯୋଜନାରେ ଗୋଷ୍ଠୀଗତ ଅଧିକାର ଓ ଜଙ୍ଗଲ ସମ୍ବଳ ଅଧିକାର ଶିରୋନାମା ବଣ୍ଟନ

**ରେଢ଼ାଖୋଲ, ୧୪।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଜିଲ୍ଲା ପ୍ରଶାସନର ଆୟୋଜନରେ ଏବଂ ଭୁବନେଶ୍ୱରର ଏନ୍‌ଜିଓ ବସୁନ୍ଧରା ସହଯୋଗରେ ମୋ ଜଙ୍ଗଲ ଯୋଜନା ଆଇନ ଅନୁଯାୟୀ ୬୨ଟି ଗ୍ରାମସଭାକୁ ଗୋଷ୍ଠୀଗତ ଅଧିକାର ଓ ଜଙ୍ଗଲ ସମ୍ବଳ ଅଧିକାର ଶିରୋନାମା ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଯୋଗ ଦେଇଥିଲେ। ଏହି ଅଧିକାର ବଳରେ ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ଓ ରେଢ଼ାଖୋଲ ବ୍ଲକର ୬୨ଟି ଗ୍ରାମସଭା ଉପକୃତ ହେବା ସହିତ ବିଭିନ୍ନ ଗ୍ରାମସଭା ଜଙ୍ଗଲ ଲଘୁ ବନଜାତ ଦ୍ରବ୍ୟ ଯଥା ମହୁଲ, ଟୋଲ, ହରିଡା, ବାହାଡ଼ା, ଅଁଳା, କୁସୁମ, ଶାଳ ମଞ୍ଜି, ଛତୁ, ଶାଳ ପତ୍ର, ଲିମ୍ବ ମଞ୍ଜି, ଶତାବରୀ ଚେର ସହିତ ଜଳ ଉତ୍ସ ବା ଜଳ ଜାତ ଦ୍ରବ୍ୟ ପ୍ରମୁଖ ପାରମ୍ପାରିକ ଭାବରେ ସଂଗ୍ରହ, ବ୍ୟବହାର, ବିକ୍ରୟ ପାଇଁ ଆଇନ ଅନୁଯାୟୀ ଅଧିକାର ପାଇଛନ୍ତି। ତା'ସହିତ ଜଙ୍ଗଲ ଓ ଜୈବ ବିବିଧତା ସୁରକ୍ଷା ପାଇଁ କାର୍ଯ୍ୟ କରିବେ। ଏହି କାର୍ଯ୍ୟକ୍ରମରେ ରେଢ଼ାଖୋଲ ବନଖଣ୍ଡ ଅଧିକାରୀ ଅରବିନ୍ଦ ମହାନ୍ତି ଯୋଗଦେଇ କହିଥିଲେ, ପୂର୍ବରୁ ଗ୍ରାମବାସୀ ବିଭିନ୍ନ ଲଘୁ ବନଜାତ ଦ୍ରବ୍ୟ ବ୍ୟବହାର କରୁଥିଲେ ମଧ୍ୟ ଏଥିରେ ତାଙ୍କର ଅଧିକାର ନ ଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ମୋ ଜଙ୍ଗଲ ମୋ ଜମି ଯୋଜନାରେ ଉକ୍ତ ଅଧିକାର ଗୁଡ଼ିକୁ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ଡିଡ଼ବ୍ଲୁଓ ଭାଗିରଥି ପଟେଲ, ଏଡିଡ଼ବ୍ଲୁଓ ସୁବାଷ ସାହୁ, ରେଢ଼ାଖୋଲ ତହସିଲଦାର ଦେବାଶିଷ ପାତ୍ର, ନାକଟିଦେଉଳ ତହସିଲଦାର, ବସୁନ୍ଧରା ଏନଜିଓର ପ୍ରୋଗ୍ରାମ ଅଫିସର ସୁଶାନ୍ତ ଦଳେଇ ପ୍ରମୁଖ ଉପସ୍ଥିତ ରହି ଗ୍ରାମସଭା ଗୁଡ଼ିକୁ ଆଇନ ଅନୁଯାୟୀ ଗୋଷ୍ଠୀଗତ ଅଧିକାର ଓ ଜଙ୍ଗଲ ସମ୍ବଳ ଅଧିକାର ଶିରୋନାମା ବଣ୍ଟନ କରିଥିଲେ।

# ଆଲମିରା ଭାଙ୍ଗି ଗହଣା ଲୁଟ୍

**କୋଲାବିରା, ୧୪।୩(ସମିସ):** କୋଲାବିରା ଥାନା ଅନ୍ତର୍ଗତ ସମାସିଂହା ଗ୍ରାମର କଲୋନି ପଡ଼ାରେ ରହୁଥିବା ୧୧ ନମ୍ବର ୱାର୍ଡର ୱାର୍ଡ ସଭ୍ୟ ବିଷ୍ଣୁ ପ୍ରଧାନଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ପରିବାର ଲୋକ ଶୋଇଥିବା ଘର ବାହାରୁ ଶିକୁଳି ଲଗାଇ ଅନ୍ୟ ଏକ ଘରୁ ଆଲମିରା ଭାଙ୍ଗି ସେଥିରେ ରହିଥିବା ଏକ ସୁନାହାର, ଦୁଇଯୋଡା କାନଫୁଲ, ନାକ ପୁଟକୁ ୨ଟି, ରୂପା ପାଉଁଜି ତିନି ଯୋଡା, ୫ଟି ରୂପା ଚେନ, ବ୍ରେସଲେଟ, ହାତମୁଦି ଦୁଇ ଯୋଡା ଏବଂ ନଗଦ ୨୦ ହଜାର ଟଙ୍କା ନେଇ ଚମ୍ପଟ ମାରିଛନ୍ତି। ଆଲମିରା ଭଙ୍ଗା ଯିବାର ଶବ୍ଦ ପାଖ କୋଠରୀରେ ଶୋଇଥିବା ଝିଅାରୀ ଶୁଣିବାକୁ ପାଇଥିଲେ ହେଁ ସେ ଭୟରେ ପାଟି ଖୋଲି ନ ଥିଲେ। ଝିଅଟି ଫୋନ ଯୋଗେ ଜଣଶିବାରେ ଅନ୍ୟମାନେ ଆସି ବିଷ୍ଣୁଙ୍କ ପରିବାର ଲୋକଙ୍କୁ ଉଦ୍ଧାର କରିଥିଲେ। ଏ ସଂକ୍ରାନ୍ତରେ କୋଲାବିରା ଥାନାରେ ଲିଖିତ ଅଭିଯୋଗ ହେବାରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗତ ସପ୍ତାହରେ ପରମାଣପୁର ଠାରେ ଥିବା ଜିଓ ଟାୱାରରୁ ମଧ୍ୟ ୪ଟି ବ୍ୟାଟେରି ଚୋରି ହୋଇଥିବା ନେଇ କୋଲାବିରା ଥାନାରେ ଅଭିଯୋଗ ହୋଇଛି। କୋଲାବିରା ଅଞ୍ଚଳରେ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଥିବା ବେଳେ ରାତ୍ର ପାଟ୍ରୋଲିଂ ବଢେଇବା ପାଇଁ ସାଧାରଣରେ ଦାବି ହେଉଛି।



ଅସୁରକ୍ଷିତ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ରାସ୍ତା

# ଡାଙ୍ଗରେ ପୁଲିସ ବିଟ୍‌ହାଉସ କେବେ ?

**ବରଗଡ଼,୧୪।୩(ସମିସ)**

ବରଗଡ଼ ସହରର ଭଟଲି ଛକରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଲମ୍ବି ଯାଇଥିବା ରାସ୍ତା ଏବେ ଅସୁରକ୍ଷିତ ହୋଇପଡିଛି। ପ୍ରାୟତଃ ନିଛାଟିଆ ରହୁଥିବା ଏହି ରାସ୍ତାରେ ବହୁ ସମୟରେ ରୋଗୀ ତଥା ସଂପର୍କୀୟମାନେ ଲୁଟର ଶିକାର ହେଉଥିବା ଅଭିଯୋଗ ହେଉଛି। ବିଶେଷକରି ରାତ୍ରି ସମୟରେ ଏହି ରାସ୍ତାରେ ଯାତାୟାତ ନେଇ ଜନସାଧାରଣ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଯାହାକୁ ନେଇ ବରଗଡ଼-ଭଟଲି ରାସ୍ତାର ଡାଙ୍ଗଠାରେ ପୁଲିସ ବିଟ ହାଉସ ନିର୍ମାଣ ନେଇ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିବା ବେଳେ ଏ ଦିଗରେ ପୁଲିସ ପ୍ରଶାସନର ସୁଦୃଷ୍ଟି କେବେ ପଡିବ ତାକୁ ଅନାଇ ବସିଛନ୍ତି ଅଞ୍ଚଳବାସୀ। ସଂଧ୍ୟା ସମୟରେ ଅସାମାଜିକ ତତ୍ୱଙ୍କ ଦୌରାତ୍ମ୍ୟ ଯୋଗୁ ଜନସାଧାରଣ ଉକ୍ତ ରାସ୍ତାରେ ଏକୁଟିଆ ଯାତାୟାତ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି। ଭଟଲି ଛକ ରାସ୍ତାରୁ ଜିଲ୍ଲା



ମୁଖ୍ୟରାସ୍ତାରେ ରାଣାପ୍ରତାପ ସ୍କୁଲ, ରୋଟାରି ପବ୍ଲିକ ସ୍କୁଲ, ଲ' କଲେଜ, ସଂସ୍କାର ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ , ଇମ୍ପେରିୟଲ କଲେଜ ପରି ବହୁ ଶିକ୍ଷାନୁଷ୍ଠାନ ରହିଛି। ଏହି ରାସ୍ତାରେ ସିମେଣ୍ଟ କାରଖାନା ରହିଛି। ସେହିପରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଯାଇଥିବା ଏହି ରାସ୍ତାରେ ପ୍ରାୟତଃ ଆମ୍ବୁଲାନ୍ସଠାରୁ ଆରମ୍ଭ କରି ରୋଗୀ ତଥା ତାଙ୍କ ସଂପର୍କୀୟମାନେ ଯାତାୟାତ କରିଥାନ୍ତି। ଛତିଶଗଡର ରାୟଗଡକୁ ଲମ୍ବି ଯାଇଥିବା ଏହି ରାସ୍ତାର ବିଭିନ୍ନ ସ୍ଥାନରେ ରାତ୍ର ସମୟରେ ଅନ୍ଧାରୁଆ ରହୁଛି। ବିଶେଷକରି ଡାଙ୍ଗ ଛକ, ବରଡୋଲ ଛକ ରାତ୍ର ସମୟରେ ନିଛାଟିଆ ରହୁଥିବା ବେଳେ ରୋଗୀ ତଥା ସଂପର୍କୀୟ ଏକାକୀ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ଭଟଲି ଛକରେ ପୁଲିସ ପାଟ୍ରୋଲିଂ ରହୁଥିବା ବେଳେ ଆଗକୁ ଏହି ରାସ୍ତାରେ ଅସାମାଜିକ ତତ୍ୱଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ବହୁ ସମୟରେ ଉକ୍ତ ରାସ୍ତାରେ ରୋଗୀ ତଥା ପରିଜନ ଲୁଟର ଶିକାର ହେଉଥିବା ଅଭିଯୋଗ ହେଉଛି। ଡାଙ୍ଗରେ ପୁଲିସ ବିଟ ହାଉସ ପ୍ରତିଷ୍ଠା ପାଇଁ ଦୀର୍ଘ ଦିନରୁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ଏହା ହେଲେ ରୋଗୀ ଓ ପରିଜନ ନିଜକୁ ସୁରକ୍ଷିତ ମନେ କରିବେ ଏବଂ ପୁଲିସ ପାଟ୍ରୋଲିଂ ମଧ୍ୟ ସଂପ୍ରସାରିତ ହୋଇପାରିବ।

# ଦିନ ମଜୁରିଆଙ୍କ ଚକ୍ଷୁଦାନ



**ବରଗଡ଼, ୧୪।୩(ସମିସ):** ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମଜୁରିଆ କେଲ ଗଡଙ୍କ ଚକ୍ଷୁଦାନ କରିଛନ୍ତି ପରିବାରବର୍ଗ। ଗତକାଲି ସଂଧ୍ୟାରେ ସଡକ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁବାର ବରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଶବ ବ୍ୟବଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତ କେଲଙ୍କ ପୁଅ ବେରାଙ୍କ ସହମତିକ୍ରମେ ତାଙ୍କ ଚକ୍ଷୁ ମାରୱାଡି ମହିଳା ସମିତିର ଅଞ୍ଜୁ ମିତ୍ତଲ ଏବଂ ଦୃଷ୍ଟିଦାନର ସୁନିଲ ସାଙ୍କ ଉଦ୍ୟମରେ ଚକ୍ଷୁ ସୁରକ୍ଷିତ ଭାବେ କଢ଼ାଯାଇଥିଲା। ମୃତ ଦିନ ମଜୁରିଆଙ୍କ ଚକ୍ଷୁଦାନକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ଭିମସାର ଜୁନିୟର ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବୁର୍ଲା, ୧୪।୩ (ସମିସ)

ବୁର୍ଲା ଭିମସାର ଜୁନିୟର ଡାକ୍ତର ସଂଘ ପକ୍ଷରୁ ୧୪ ଦଫା ଦାବି ନେଇ ଆଜିଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ମେଡିକାଲ ସମ୍ମୁଖରେ ଧାରଣାରେ ବସିଛନ୍ତି। ଭିମସାରର ହାଉସ ସର୍ଜନ ଓ ୟୁଜି ମେଡିକାଲ ଛାତ୍ରଛାତ୍ରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସକାଳ ୮ ଟାରୁ ଆନ୍ଦୋଳକୁ ଓହ୍ଲାଇଥିଲେ। ସନ୍ଧ୍ୟା ହେବା ପର୍ଯ୍ୟନ୍ତ ବାରମ୍ବାର ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନର ବାଟ ବାହାରି ନଥିଲା। ଛାତ୍ରଛାତ୍ରୀ ନିଜ ଜିଦରେ ଅଟଳ ରହି ଆନ୍ଦୋଳନରେ ବସିଥିଲେ। ଜରୁରୀ ସେବା ବ୍ୟତୀତ ପ୍ରାୟ ସବୁ ବିଭାଗରେ ଚିକିତ୍ସା ସେବା ବାଧାପ୍ରାପ୍ତ ହୋଇଥିଲା। ଆଜି ଆନ୍ଦୋଳନ ପୂର୍ବରୁ ଜେଡିଏର ପ୍ରତିନିଧି ମଣ୍ଡଳୀ ଭିମସାର ଡିନ ପ୍ରିନ୍ସିପାଲଙ୍କ ସହ ଏକ ବୈଠକ କରିଥିଲେ। ତେବେ ବୈଠକ ଚାଲୁଥିବା ସମୟରେ ଡିନ ପ୍ରିନ୍ସିପାଲ ଡାକ୍ତର ଜୟଶ୍ରୀ ଦୋରାଙ୍କ ମୋବାଇଲ ରେକର୍ଡିଂ ମୋଡ଼ରେ ଥିବା ଛାତ୍ରଛାତ୍ରୀ ଜାଣିପାରି ଚିହିଁକି ଉଠିଥିଲେ। ଗୁପ୍ତ ବୈଠକରେ କେମିତି ଛାତ୍ରଛାତ୍ରୀଙ୍କ ସହ ଆଲୋଚନାକୁ ରେକର୍ଡିଂ କଲେ ବୋଲି ଛାତ୍ରଛାତ୍ରୀ ପ୍ରଶ୍ନ କରି ବୈଠକରୁ ଉଠି ଯାଇଥିଲେ। ଏହା ସହ ଧାରଣାରେ ବସିବା ସହ ଡିନ ପ୍ରିନ୍ସିପାଲଙ୍କ ବଦଳି ଦାବି କରିଥିଲେ।

ଏହା ପରେ ତାଙ୍କ ଅଜାଣତରେ ରେକର୍ଡିଂ ସ୍ୱିଚ୍ ଅନ ହୋଇଥିବା ପ୍ରିନ୍ସିପାଲ ଡାକ୍ତର ଜୟଶ୍ରୀ ଦୋରା ସଫେଇ ଦେବା ସହ ଅନ୍ଦୋଳନରୁ ଓହରିବାକୁ ଅନୁରୋଧ କରିଥିଲେ। ସୂଚନା ଅନୁସାରେ ଭିମସାର ସ୍ୱୟଂଶାସିତ ମେଡିକାଲ ହୋଇଥିବା ବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ




ଅଧିନରେ ପରୀକ୍ଷା ନକରିବା, ଶିକ୍ଷା ଋଣ ଓ ଷ୍ଟାଇପେଣ୍ଡ ଆବେଦନରେ ସରଳତା, ହଷ୍ଟେଲରେ ବିଭିନ୍ନ ସମସ୍ୟାର ସମାଧାନ, ଏମ୍ଆର୍ଆଇ ସେବା କାର୍ଯ୍ୟକ୍ଷମ ପରି ୧୪ଟି ଦାବି ରହିଛି। ମେଡିକାଲର ବିଭିନ୍ନ ସମସ୍ୟା ତଥା ଡାକ୍ତରୀ ଛାତ୍ରଙ୍କ ଷ୍ଟାଇପେଣ୍ଡ ନମିଳିବା ସମସ୍ୟା ନେଇ ଦୀର୍ଘ ୬ମାସ ଧରି ଦାବି କରାଯାଇ ଆସୁଥିଲା। ତେବେ ବୁଧବାର ସୁଦ୍ଧା ମେଡିକାଲ କଲେଜ କର୍ତ୍ତୃପକ୍ଷ ତଥା ରାଜ୍ୟ ସରକାର କୌଣସି ସକାରତ୍ମକ ପଦକ୍ଷେପ ନନେବାରୁ ଆଜିଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରୋଗୀଙ୍କ ଅସୁବିଧାକୁ ନଜରରେ ରଖି ଛାତ୍ରଛାତ୍ରୀ ଅତ୍ୟାବଶ୍ୟକ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ବିଗତ ୭ଦିନ ଦିନ ଧରି ଛାତ୍ରଛାତ୍ରୀମାନେ କଳା ବ୍ୟାଚ ପିନ୍ଧି ଏହାର ପ୍ରତିବାଦ କରି ଆସୁଥିଲେ। ଗତକାଲି ଛାତ୍ରଛାତ୍ରୀ ବୁର୍ଲାରେ ପ୍ରତିବାଦ ଶୋଭାଯାତ୍ରା କରିବା ସହ ଉତ୍ତରାଞ୍ଚଳ ରାଜସ୍ୱ କମିସନରଙ୍କ ସହ ଆଲୋଚନା କରିଥିଲେ। ହେଲେ କିଛି ସୁଫଳ ନ ମିଳିବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି କହିଛନ୍ତି। ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଏହି ଆନ୍ଦୋଳନ କାରଣରୁ ଭିମସାର ମେଡିକାଲରେ ରୋଗୀ ସେବା ପ୍ରଭାବିତ ହୋଇଛି। ଗତକାଲି ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ। ଭିମସାର ପଶ୍ଚିମ ଓଡ଼ିଶାର ପ୍ରମୁଖ ମେଡିକାଲ କଲେଜ। ପଶ୍ଚିମ ଓଡ଼ିଶା ସହ ରାଜ୍ୟ ବାହାରର ରୋଗୀ ନିର୍ଭର କରନ୍ତି। ଏହି ସେବା ପାଇଁ ରୋଗୀଙ୍କୁ ପ୍ରାଇଭେଟ ହସ୍ପିଟାଲ ଉପରେ ନିର୍ଭର କରିବାକୁ ପଡୁଛି। ଓଟି, ଆଇସିୟୁ କମ୍ପ୍ଲେକ୍ସ ୫ ବର୍ଷ ହେଲା ତିଆରି ହୋଇ ସାରିଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ରୋଗୀଙ୍କ ପାଇଁ ଇଲେକ୍ଟ୍ରିକ ଭେଇକିଲ ସେବା ନାହିଁ କି ମେଡିକାଲରେ ସିଟିଭି ବ୍ୟବସ୍ଥା ନାହିଁ। ଏହା ଫଳରେ ରୋଗୀମାନେ ଗୋଟିଏ ୱାର୍ଡରୁ ଅନ୍ୟ ୱାର୍ଡକୁ ଯିବା ଆସିବାରେ ଅସୁବିଧା ହେଉଛି।

# ଜିଲ୍ଲା କୃଷକ ସୁରକ୍ଷା ସଂଗଠନର ଆନ୍ଦୋଳନ

**ସମ୍ବଲପୁର,୧୪।୩(ସମିସ):** ବିଭିନ୍ନ ଦାବି ନେଇ ଆଜି ଜିଲ୍ଲା କୃଷକ ସଂଗଠନ ପକ୍ଷରୁ ଆରଡ଼ିସି ଅଫିସ ଘେରାଉ କରାଯାଇଥିଲା। ଦିନ ୧୧ଟାରୁ ୨ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ପେର ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅଭିଯୋଗକ୍ରେମ, ଚାଷୀର ଦୁର୍ଦ୍ଦଶା ଲାଗି ସରକାର ଦାୟୀ। ରାଜନୈତିକ ଦଳ ଓ ସରକାର ଚାଷୀର ସମସ୍ୟା ଓ ଦାବୀକୁ ନେଇ ନୀରବ ରହୁଛନ୍ତି। ଆନ୍ଦୋଳନରତ ଚାଷୀଙ୍କ



ଉପରେ ଚାଲିଛି ଲାଠି ଗୁଳିରେ ଦମନ କରାଯାଉଛି। କେନ୍ଦ୍ରର ୩ କଳା କୃଷି ଆଇନ ପ୍ରତ୍ୟାହର ପାଇଁ ବାଧ ହେଇଥିଲେ। କିନ୍ତୁ ସେ ସମୟରେ ଯାହାଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ଆଜିବି ଅପୂରଣୀୟ ହୋଇରହିଛି। ଜାତୀୟ ସଂଯୁକ୍ତ କିସାନ ମୋର୍ଚ୍ଚାର ଆହ୍ୱାନ କ୍ରମେ ଆନ୍ଦୋଳନ କରାଯିବ। ଏମଏସ୍ପିକୁ ଆଇନଗତ ମାନ୍ୟତା, ସ୍ୱାମୀନାଥନ୍ଙ୍କ ସୁପାରିଶ ଆଧାରରେ କୃଷିଜାତ ଦ୍ରବ୍ୟର ଦର ସ୍ଥିର(ସି୨+ ୫୦%), ସ୍ୱାମୀନାଥନ ସୁପାରିଶ କାର୍ଯ୍ୟକାରୀନ ହେବାଯାଏଁ ରାଜ୍ୟ ସରକାର କୁଇଣ୍ଟାଲ ପିଛା ୫୦୦ଟଙ୍କା ବୋନସ୍ ପ୍ରଦାନ, ଡ଼ବ୍ଲୁଟିଓ'ର ଚାଷୀ ବିରୋଧୀ ପ୍ରାବଧାନ ରଦ୍ଦ, କୃଷିଋଣ ଛାଡ଼, ଚାଷୀ ଆନ୍ଦୋଳନ ଉପରେ ସରକାରୀ ଦମନ ବନ୍ଦ, ସଂସଦରେ ଥିବା ବିବାଦୀୟ ବିଜୁଳୀ ବିଲ୍ ପ୍ରତ୍ୟାହର, ଓଡ଼ିଶାରେ ଟାଟା ପାୱାର ଶୋଷଣ ବନ୍ଦ କରି ଜଳସେଚନ ପାଇଁ ବ୍ୟବହୃତ ବିଜୁଳୀକୁ ଦେୟମୁକ୍ତ କରିବା, ଅଦିନିଆ ବର୍ଷା ଓ ବାତ୍ୟା ଲାଗି ବାକିଆ ରହିଥିବା କ୍ଷତିପୂରଣ ଶୀଘ୍ର ପ୍ରଦାନ, ରବି ଧାନ ବିକ୍ରିର ପଂଜୀକରଣ ଜନିତ ସମସ୍ୟାର ଦୂରୀକରଣ ଓ କୃଷି କ୍ଷେତ୍ରର କମ୍ପାନୀକରଣଜନିତ ଉଦ୍ୟମର ବିରୋଧ ଭଳି ଦାବୀ ରହିବ। ଜିଲ୍ଲା କୃଷକ ସଂଗଠନ ପକ୍ଷରୁ ବହୁସଂଖ୍ୟାରେ ଚାଷୀମାନେ ସାମିଲ ହେବାକୁ ଅନୁରୋଧ କରିଛନ୍ତି। ଅଶୋକ ପ୍ରଧାନ, ସଂଯୁକ୍ତ କିସାନ ମୋର୍ଚ୍ଚାର ଓଡ଼ିଶା ପ୍ରତିନିଧି ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ଉମେଶ ମିଶ୍ର, ଜିଲ୍ଲା ସମ୍ପାଦକ ଦେବେନ ପ୍ରଧାନ, ସଂଯୋଜକ ବ୍ୟୋମକେଶ ଠାକୁର, ଓ ପ୍ରବକ୍ତା-ସରୋଜ ମହାନ୍ତି ସୂଚନା ଦେଇଛନ୍ତି।

# ବାଇକ ଧକ୍କା: ଯୁବକ ମୃତ, କନେଷ୍ଟବଳ ଆହତ

**ସମ୍ବଲପୁର, ୧୪।୩(ସମିସ):** ଧନୁପାଲି ଥାନା ଜିଲ୍ଲ ସ୍କୁଲ ଛକରେ ରାତି କାର୍ଯ୍ୟରତ ଥିବା ଜଣେ କନେଷ୍ଟବଳଙ୍କୁ ବାଇକ ଧକ୍କା ଦେବା ଫଳରେ ଗୋଡଭାଙ୍ଗି ଯାଇଛି। ଏହା ସହ ବାଇକରେ ଥିବା ୪ ଜଣଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ୧୨ ତାରିଖ ରାତି ବାହାଘର ସାରି ପାଞ୍ଚଗଛିଆ ତଳିମୁଣ୍ଡାର ସମୀର ମୁଣ୍ଡା ସହ ୩ ଜଣ ସାଙ୍ଗ ଏକ ବାଇକରେ(ଓଡି ୧୫ ଆର ୦୭୮୪) ଆସୁଥିଲେ। ଗାଡିରେ ୪ ଜଣ ଆସୁଥିବା ନେଇ ପୁଲିସ ଅଟକାଇବାକୁ ଚେଷ୍ଟା କରିଥିଲା। ଫଳରେ କାର୍ଯ୍ୟରତ ଥିବା ଏକ କନେଷ୍ଟବଳଙ୍କୁ ଧକ୍କା ଦେଇ ଖସି ପଳାଇ ଆଗରେ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣାରେ କାର୍ଯ୍ୟରତ କନେଷ୍ଟବଳଙ୍କ ଗୋଡ ଭାଙ୍ଗି ଯାଇଥିବା ଧନୁପାଲି ଥାନା ସୂଚନା ଦେଇଛି। ୪ ଜଣ ଯୁବକଙ୍କ ଦୁର୍ଘଟଣା ପରେ ସେମାନଙ୍କ ମଧ୍ୟରୁ ସମୀର ମୁଣ୍ଡ ବୁର୍ଲା ମେଡିକାଲରେ ଚିକିତ୍ସିତ ବେଳେ ପରଲୋକ ଘଟିଛି। ଚାଳକ ରୁପେଷ ମୁଣ୍ଡାଙ୍କ ଦ୍ରୁତ ଗତି ଗାଡି ଚାଳନା ପାଇଁ ଏହି ପରି ଘଟିଥିବା ମୃତ ଯୁବକଙ୍କ ବାପା ଧନୁପାଲି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ସ୍ତ୍ରୀ ଥାଇ ଦ୍ୱିତୀୟ ବିବାହ, ସ୍ୱାମୀ ନାଁରେ ଅଭିଯୋଗ

**ସମ୍ବଲପୁର, ୧୪।୩ (ସମିସ):** ସଦରଥାନା ଗେଙ୍ଗୁପାଲିର ଏକ ମହିଳାଙ୍କ ସ୍ୱାମୀ ଅନ୍ୟତ୍ର ବିବାହ କରିଥିବା ମହିଳା ଥାନାରେ ଅଭିଯୋଗ ହୋଇଛି। ଗତ ୨୦୨୦ ମସିହାରେ ସେ ନରେନ୍ଦ୍ର ଭୋଇଙ୍କୁ ବିବାହ କରିଥିଲେ। ତାଙ୍କ ଦୁଇଟି ସନ୍ତାନ ରହିଛି। ବିବାହର ତିନି ମାସ ପରେ ମହିଳା ଜଣକ ନିର୍ଯାତନର ଶିକାର ହୋଇଥିଲେ। ସେ ଏବେ ୧୦ ମାସ ହେଲାଣି ନିଜ ମା ଘରେ ରହୁଛନ୍ତି। ଗତ ୧୨ ତାରିଖରେ ନରେନ୍ଦ୍ର ଅନ୍ୟତ୍ର ବିବାହ କରିଥିବା ଜାଣିବାକୁ ପାଇ ମହିଳା ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ସ୍ମାର୍ଟ କୃଷି

**ସମ୍ବଲପୁର, ୧୪।୩(ସମିସ):** ଆଇ.ସି.ଏ.ଆର ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, କଟକ ପକ୍ଷରୁ ଜଳବାୟୁ ପରିବର୍ତ୍ତନର ସମସ୍ୟା ଏବଂ ମରୁଡ଼ି, ଜଳମଗ୍ନତା, ଉଚ୍ଚ ତାପମାତ୍ରା ଓ ପରିବର୍ତ୍ତିତ ରୋଗ ପୋକ ଭଳି ଏହାର ପରିଣାମ ସମ୍ପର୍କରେ



କୃଷକମାନଙ୍କୁ ସଚେତନ କରିବା ଏବଂ କୃଷିକୁ ସ୍ଥାୟୀ ଓ ଲାଭଜନକ କରିବା ପାଇଁ ଏହି ସମସ୍ୟାର କିପରି ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ କୃଷକମାନଙ୍କୁ ସଚେତନ କରିବା ପାଇଁ ସମ୍ବଲପୁର ମଣ୍ଡେଲିଆ ପଡ଼ିଆରେ ଏକ 'କିଷାନ ଗୋଷ୍ଠି' ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାର ସମସ୍ତ ବ୍ଲକରୁ ୬୦୦ରୁ ଅଧିକ ଚାଷୀ ଓ କୃଷକ ଅଂଶଗ୍ରହଣ କରିଥିଲେ। ଏହି ଗୋଷ୍ଠିରେ ମୁଖ୍ୟ ଅତିଥି ଭାବେ ଆଇ.ସି.ଏ.ଆର ଏନ.ଆର.ଆର.ଆଇ.ର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ, କୋଲକାତାର ଏଟିଏଆରଆଇ ନିର୍ଦ୍ଦେଶକ ଡ. ପ୍ରଦୀପ ଦେ, ଓ.ୟୁ.ଏଟି ର ଡିନ୍ ଏକ୍ସଟେନ୍ସନ୍ ଡ. (ପ୍ରଫେସର) ପିଜେ ମିଶ୍ର, ସମ୍ବଲପୁର ସିଡିଏଓ ଜିଏସ୍ ସିଂହ, ଡିଡିଏଚ୍ ସମ୍ବଲପୁରର ଏଚ୍.କେ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡକ୍ଟର ଏ.କେ ନାୟକ ଜଳବାୟୁ ସ୍ମାର୍ଟ କିସମର ଧାନ ବିଷୟରେ ସୂଚନା ଦେଇଥିଲେ ଯାହା ଜୀବାଣୁ ବ୍ଲାଇଟ୍ ପ୍ରତିରୋଧ ବ୍ୟତୀତ ମରୁଡ଼ି, ଜଳମଗ୍ନତାକୁ ସହ୍ୟ କରିପାରିବ। ଧାନ ଓ ଅନ୍ୟଫସଲ ସମସ୍ୟାର ସମାଧାନ ପାଇଁ କେ.ଭି.କେ ବୈଜ୍ଞାନିକ ଓ ନିକଟସ୍ଥ ଆଇ.ସି.ଏ.ଆର ଅନୁଷ୍ଠାନର ବୈଜ୍ଞାନିକଙ୍କ ସହ ପରାମର୍ଶ କରିବାକୁ ଡ. ପ୍ରଦୀପ ଦେ କୃଷକମାନଙ୍କୁ ନିବେଦନ କରିଥିଲେ। ସମସ୍ୟାର ମୁକାବିଲା ଏବଂ ଚାଷକୁ ଲାଭଜନକ କରିବା ପାଇଁ ସାମ୍ପ୍ରତିକ ଉଦ୍ଭାବନ ଏବଂ ବିକାଶ ବିଷୟରେ ସଚେତନ ହେବାକୁ ସେ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ଓୟୁଏଟି ଦ୍ୱାରା ବିକଶିତ ଜ୍ଞାନକୌଶଳ ସମ୍ପର୍କରେ ଡ. ପିଜେ ମିଶ୍ର ଚାଷୀମାନଙ୍କୁ ଅବଗତ କରାଇଥିଲେ। ସମ୍ବଲପୁର ସିଡିଏଓ ଜି.ଏସ୍ ସିଂହ କୃଷକମାନଙ୍କ ଉତ୍ପାଦନ ଓ ଲାଭବୃଦ୍ଧି ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କୃଷକମାନଙ୍କୁ ଅବଗତ କରାଇବା ସହ ଏହାର ଫାଇଦା ନେବାକୁ ନିବେଦନ କରିଥିଲେ। ଆଇସିଏଆର-ଏନଆରଆରଆଇ, ଆଇସିଏଆର-ସିୱା, ଆଇସିଏଆର-ଆଇଆଇଡବ୍ଲ୍ୟୁଏମ, ସିଇଏସ, ସିଟିସିଆରଆରଆଇ-ଆଞ୍ଚଳିକ ଷ୍ଟେସନ, ଆରଆରଟିଟିଏସ, ଓୟୁଏଟି, କେଭିକେ, କୃଷି ମହାବିଦ୍ୟାଳୟ, ଚିପିଲିମା, ଓୟୁଏଟି ଏବଂ ସମ୍ବଲପୁର କୃଷି ବିଭାଗର ବୈଜ୍ଞାନିକମାନେ ଉପସ୍ଥିତ ଥିଲେ। ଏଥିସହ କେଭିକେ, ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ାର ବୈଜ୍ଞାନିକମାନେ ଉପସ୍ଥିତ ଥିଲେ। ଏନଆରଆରଆଇ, ଓୟୁଏଟି, ସିୱା, ଆଇଆଇଡବ୍ଲ୍ୟୁଏମ, ସିଇଏସ, ସିଟିସିଆରଆଇ-ଆରଏସ, ଏଫସିଆଇ, କେଭିକେ, କୃଷି ବିଭାଗ ଏବଂ ଅନ୍ୟାନ୍ୟ ଲାଇନ ବିଭାଗର ପ୍ରାୟ ୨୦ଟି ଷ୍ଟଲରେ ଏହି ଜ୍ଞାନକୌଶଳ ପ୍ରଦର୍ଶିତ ହୋଇଥିଲା। ଏସ୍ଏମ୍ଏସ୍, କେଭିକେ, କଟକ ଡ. ଟିକେ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଫ ସିରପ୍ ଜବତ, ୨ ଗିରଫ



**ସମ୍ବଲପୁର,୧୪।୩(ସମିସ):** ସମ୍ବଲପୁର ସଦର ଥାନା ଅଞ୍ଚଳରେ ଗତକାଲି ପୁଲିସ ପେଟ୍ରୋଲିଂ କରି ୬୦୦ ବୋତଲ କଫସିରପ ଜବତ କରିଛି। ଏହି ଘଟଣାରେ ସଦର ପୁଲିସ ଲକ୍ଷ୍ମୀଡୁଙ୍ଗରିର ଏକଲାଖ ଅହମଦ ଓରଫ ଗୁଡୁ(୪୦) ଓ ଧନୁପାଲି ଥାନା ଗୋବିନ୍ଦତୋଲାର ଜୟ କୁମାର ଅଗ୍ରୱାଲ(୩୧)କୁ ଗିରଫ କରିଛି। ଏହା ସହ ଦୁଇଟି ମୋବାଇଲ ଓ ଏକ ବାଇକ (ଓଡି ୧୫ ଏକ୍ସ ୫୫୭୦) ସହ ୨୧ ଶହ ଟଙ୍କା ଜବତ କରିଛି। ଏ ନେଇ ସଦର ଥାନାରେ କେସନଂ୬୭/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ଗତକାଲି ସନ୍ଧ୍ୟା ସମୟରେ ସହରକୁ ଅଭିଯୁକ୍ତମାନେ ବାଇକରେ ବିକ୍ରି କରିବାକୁ କଫସିରପ ଆଣୁଥିଲେ। ବିଶେଷସୂତ୍ରରୁ ଖବର ପାଇ ଏସଆଇ ଡିକେ ବେହେରାଙ୍କ ନେତୃତ୍ୱରେ ପେଟ୍ରୋଲିଂ ଟିମ ଚଢଉ କରିଥିଲା। ଠେମରା ମହାପାତ୍ର ଖଳା ନିକଟରେ ସଦର ପୁଲିସ ଅଭିଯୁକ୍ତକୁ କାବୁ କରିଥିଲା। ପ୍ରକାଶ ଥାଉକି ସମ୍ବଲପୁର ସହର ବେଆଇନ କଫସିରପ ବିକ୍ରିର ପେଣ୍ଠସ୍ଥଳୀ। ପ୍ରତିଦିନ ସହରର ପ୍ରତି ଥାନାରେ ଛୋଟ ବଡ କଫସିରପ ଜବତ ମାମଲା ରୁଜୁ ହେଉଛି। ଚଳିତ ମାସ ୮ ତାରିଖରେ କ୍ଷେତରାଜପୁର ଥାନା ଅଞ୍ଚଳରେ ୯୦୦ ବେଆଇନ କଫସିରପ ବିକ୍ରେତାକୁ ପୁଲିସ କାବୁ କରି ୨ ଜଣକୁ ଗିରଫ କରିଥିଲ।।

# ୨୪ କେଜି ଗଞ୍ଜେଇ ଜବତ, ୩ ଗିରଫ

**ସମ୍ବଲପୁର, ୧୪।୩(ସମିସ):** ସମ୍ବଲପୁର ଜିଆରପି ଆଜି ରେଳଷ୍ଟେସନରୁ ୨୪ କେଜି ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପିଜୁସ ବିଶ୍ୱାସ, ରୁମ୍ ପା ସତ୍ର, ଶିଲ୍ପୀ ମଣ୍ଡଳ। ଏମାନେ ସମସ୍ତେ ପଶ୍ଚିମବଙ୍ଗ ନଦିଆଁ ଜିଲ୍ଲା କ୍ରିଷ୍ଣାଗଞ୍ଜ ଅଞ୍ଚଳର। ସୂଚନାଯୋଗ୍ୟ, ରେଳରେ ସମ୍ବଲପୁରରୁ ରାୟପୁର ହେଉଥିଲା ଗଞ୍ଜେଇ ଚୋରା ଚାଲାଣ। ଏନେଇ ଜିଆର୍ ପି ସୂଚନା ପାଇ ଚଢ଼ଉ କରିଥିଲା। ଫଳରେ ସମ୍ବଲପୁର ଷ୍ଟେସନ ନିକଟରୁ ୨୪.୪ କେଜି ଗଞ୍ଜେଇ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ୩ ଜଣଙ୍କୁ ପଚରାଉଚରା କରାଯିବା ସତ୍ତ୍ୱେ ସେମାନେ କାହାଠାରୁ ଏହି ଗଞ୍ଜେଇ ନେଇଛନ୍ତି, ସେନେଇ କିଛି କହିନଥିବା ଜିଆର୍ପି ପକ୍ଷରୁ ସୂଚନା ଦିଆଯାଇଛି।



# ଏସ୍ୟୁ ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର



**ବୁର୍ଲା, ୧୪।୩ (ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟର ପିଜି ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପିଜି କାଉନସିଲ କାର୍ଯ୍ୟାଳୟ ଆନୁକୂଲ୍ୟରେ 'ଗୋଷ୍ଠୀ ସମୃଦ୍ଧି:ସମୟରଆବଶ୍ୟକତା' ଶୀର୍ଷକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମୁଦାୟ ପାଇଁ ପୋଷଣ ଓ ସନ୍ତୁଳିତ ଖାଦ୍ୟର ମହତ୍ତ୍ୱ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅରୁଣା ପାଲଟା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୃହ ବିଜ୍ଞାନର ସମ୍ପ୍ରଦାୟ ସହ ସମ୍ପର୍କ ଏବଂ ଏହାର ସମୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପିଜି ପରିଷଦର ଅଧକ୍ଷା ଡ. ସଂଯୁକ୍ତା ଦାସ ଅର୍ଥନୀତି, ଜିଡିପି, ମାନବ ବିକାଶର ଗୋଷ୍ଠୀ ସମୃଦ୍ଧି ସହ ସମ୍ପର୍କ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ନୃପରାଜ ସାହୁ ଆହସମୃଦ୍ଧି ଏବଂ ଏହା କିପରି ଗୋଷ୍ଠୀ ସମୃଦ୍ଧି ଆଣିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଡ. ହରପ୍ରିୟା ସାମନ୍ତରାୟ ଏହି କାର୍ଯ୍ୟକ୍ରମର ନିର୍ଦ୍ଦେଶିକା ଓ ଶ୍ରୀମତୀ ସଙ୍ଗୀତା ସିଂହ ଆବାହକ ଥିଲେ। ଏହି ଆଲୋଚନାଚକ୍ରରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ୭୦ରୁ ଅଧିକ ପ୍ରତିଯୋଗୀ ନିଜର ପେପର ଉପସ୍ଥାପନ କରିଥିଲେ। ଏହି ଆଲୋଚନାଚକ୍ରରେ ବିଭିନ୍ନ ପ୍ରତିନିଧି ରିସୋର୍ସପର୍ସନ ଓ ଅଧକ୍ଷ ଭାବେ ଅଂଶଗ୍ରହଣ କରିଥିଲେ।

# ପ୍ରଫୁଲ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୧୪।୩(ସମିସ): ପଶ୍ଚିମ ଓଡ଼ିଶା ବିଦ୍ୟୁତ ଅମଳା ସଂଘର ପରାମର୍ଶ ଦାତା ତଥା ସାମାଜିକ କର୍ମୀ ପ୍ରଫୁଲ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳୀ ଦିଆଯାଇଛି। ଦୀର୍ଘ ଦିନ କ୍ୟାନସର ରୋଗରେ ପୀଡିତ ହୋଇ ଶେଷରେ ମୃତ୍ୟୁ କରିଥଲେ। ଶ୍ରଦ୍ଧାଞ୍ଜଳୀ ସଭାରେ ସଂଘର ସଭାପତି ନରେନ୍ଦ୍ର ପ୍ରସାଦ ରାଇଗୁର ସମେତ ସୁବାଷ କୁମାର ତିୱାରୀ, ଅନିଲ ଦେବତା, ମୁକୁନ୍ଦା ମିର୍ଧା, ଅଭିନାଶ ମିଶ୍ର, ମାନସ ମହାପାତ୍ର, ସମୀର ବେହେରା, ଆନନ୍ଦ ବାଗ, ସୁଧୀର ମହାରଣା, ଅତିଶ ରାୟଗୁରୁ, ଶ୍ରୀକାନ୍ତ ପଣ୍ଡା, ପିଙ୍କି ସାମଲ, ଗଙ୍ଗଦେବ ବଗର୍ତ୍ତି, ରୁପେଶ ପାଣ୍ଡେ, ମଧୁସ୍ମିତା ପଣ୍ଡା, ମଧୁଲିତା ରାୟ, ସୁଶ୍ରୀ ସଙ୍ଗିତା ବେହେରା ବିଶ୍ୱଜିତ ଭୋଇ ଉପସ୍ଥିତ ଥିଲେ।



# ଉପରିସ୍ଥ କୋର୍ଟର ଦ୍ୱାରସ୍ଥ ହେବେ ହୋଟେଲ ମାଲିକ ସଂଘ

**ସମ୍ବଲପୁର, ୧୪।୩(ସମିସ):** ସମ୍ବଲପୁର ଭିଏସଏସ ମାର୍ଗ ସ୍ଥିତ ଏକ ହୋଟେଲ ଠାରେ ଗୁରୁବାର ଦିନ ୧୨ ଟା ରୁ ୧ ଟା ସମୟ ପର୍ଯ୍ୟନ୍ତ ସମ୍ବଲପୁର ଚାମ୍ବର ଅଫ କମର୍ସ ଇଣ୍ଡ ଏଣ୍ଡ୍ରଷ୍ଟ୍ରି ଓ ହୋଟେଲ ରେଷ୍ଟୁରାଣ୍ଟ ଆସୋସିଏସନ୍ ଅଫ ସମ୍ବଲପୁର ପକ୍ଷରୁ ମିଳିତ ଭାବରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ନିକଟରେ ସହରର ଏକ ରେଷ୍ଟୁରାଣ୍ଟକୁ ଖାଉଟି ଅଦାଲତ ଫାଇନ କରିଥିବା ଘଟଣାର ବିଭିନ୍ନ ଦିଗ ନେଇ ଗଣମାଧ୍ୟମର ପ୍ରତିନିଧିଙ୍କୁ ଅବଗତ କରାଯାଇଥିଲା। ଏହାସହ ଏହି ଘଟଣାରେ ନିଜ ପକ୍ଷ ନେଇ ସ୍ୱଷ୍ଟିକରଣ ରଖାଯିବା ସହ ଆଗକୁ ଉଚ୍ଚନ୍ୟାଳୟରେ ଅପିଲ କରାଯିବ ବୋଲି ସୂଚନା ଦିଆଯାଇଥିଲା।ସାମ୍ବାଦିକ ସମ୍ମିଳନୀରେ ସଭାପତି ଶିଳା ପ୍ରସାଦ, ସଂପାଦକ ଗୁଞ୍ଜନ ପୋଦାର, ଯଶବୀର ସିଂ, ଅଶୋକ ଜଲାନ ସହ ଉଭୟ ଅନୁଷ୍ଠାନର ବରିଷ୍ଠ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ।




## ମାନସିକ ରୋଗ ପରେ ଘରୁ ଚାଲି ଯାଇଥିଲେ

# ୫ ବର୍ଷ ପରେ ଘରକୁ ଫେରିଲେ ଶତ୍ରୁପା

ସମ୍ବଲପୁର, ୧୪।୩ (ସମିସ)

ପରସ୍ପରକୁ ପସନ୍ଦ କଲେ ପରିବାରର ସ୍ୱୀକୃତିରେ ପ୍ରେମ ବିବାହ ହୋଇଥିଲା ଛତିଶଗଡ଼ ଅଞ୍ଚଳର ଧୀରଜ ଓ ଶତ୍ରୁପାଙ୍କ। ବୈବାହିକ ଜୀବନ କିଛି ବର୍ଷ ହସ ଖୁସୀରେ ବିତିବା ପରେ ହଠାତ୍ ଏମାନଙ୍କ ଜୀବନରେ ମାଡ଼ି ଆସିଥିଲା ଅଦିନିଆ ଝଡ଼। ମୁଣ୍ଡ ଉପରେ ଛିଡ଼ି ପଡ଼ିଲା ଦୁଃଖର ପାହାଡ। ଦୁର୍ଘଟଣାରେ ଦୁଇ ଗୋଡ଼ ହରାଇଦେଲେ ଶତ୍ରୁପା। ଦିବ୍ୟାଙ୍ଗ ହେବା ପରେ ପରିବାର ଓ ପର ଉପରେ ନିର୍ଭର କରିବା ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ ଶତ୍ରୁପା ରହୁଥିବା ଅଞ୍ଚଳରୁ କୁଆଡ଼େ ଚାଲି ଯାଇଥିଲେ। ଦୀର୍ଘ ୫ ବର୍ଷ ପରିବାର ଠାରୁ ଅଲଗା ହୋଇ ରହିବା ପରେ ପୁଣି ପରିବାର ସହ ତାଙ୍କର ମିଳନ ହୋଇଛି। ସ୍ୱାମୀ ଧୀରୋଜ ଲେହେରାଙ୍କ ସହ ପୁଣି ଖୁସୀରେ ଘରକୁ ଫେରିଛନ୍ତି ଶତ୍ରୁପା। ମନକୁ ଦୋହଲାଇ ଦେବା ଭଳି ଘଟଣା ସବୁ କହିଛନ୍ତି ଧୀରୋଜ। ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ପୁଣି ମିଶାଇବାରେ ପ୍ରମୂଖ ଭୁମିକା ଗ୍ରହଣ କରିଥିଲେ ସମ୍ବଲପୁରର ସମାଜିକ ଅନୁଷ୍ଠାନ 'ପରିଚୟ'। ପରିଚୟ ଅନୁଷ୍ଠାନର ବିପିନ ବିହାରୀ ପଣ୍ଡାଙ୍କ କହିବା ଅନୁସାରେ ଶତ୍ରୁପା ପାଗଳ ପରି ଏଣେତେଣେ ବୁଲୁଥିଲେ। ଲୋକଙ୍କୁ



ଟେକାପଥର ମାରୁଥିଲେ। ଯିବାଆସିବା କରୁଥିବା ଲୋକଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ ମଧ୍ୟ କରୁଥିଲେ। ଏହି ପରି ନିତିଦିନ ବରଗଡ଼ ଷ୍ଟେସନରେ ଶତ୍ରୁପା ନାମକ ଏକ ମହିଳା କାର୍ଯ୍ୟ କରୁଥିଲେ। ଦୁଇ ଗୋଡ ହରାଇ ମାନସିକ ରୋଗରେ ପୀଡ଼ିତ ହୋଇ ବରଗଡ଼ ଷ୍ଟେସନ ପାଖରେ ରହୁଥିଲେ। ଘର ଛତିଶଗଡ଼। ୫ ବର୍ଷ ପୂର୍ବରୁ ମହିଳା ଜଣକ ନିଖୋଜ ଥିବା ତାଙ୍କ ସ୍ୱାମୀ ନିରୋଜ କୁମାର ଲହେରା କହିଛନ୍ତି। ହେଲେ ଆଜି ଶତ୍ରୁପା ନିଜ ଘର ଠିକଣା ପରିବାର ଓ ପରିଚୟ ଫେରି ପାଇଛନ୍ତି ସମ୍ବଲପୁରର ସମାଜିକ ଅନୁଷ୍ଠାନ ପରିଚୟ ସହଯୋଗରେ। ଏହିପରି ଭାବେ ବରଗଡ଼ ଷ୍ଟେସନରେ ଶତ୍ରୁପା ଅସହାୟ ହୋଇ ପଡ଼ିଥିଲେ। ଦୁଇ ଗୋଡ ହରାଇ ମାନସିକ ରୋଗରେ ପୀଡ଼ିତ ହୋଇ ଷ୍ଟେସନକୁ ନିଜ ଘର କରିଥିଲେ। ୨୦୨୩ ମେ ୨୨ ତାରିଖରେ ବରଗଡ଼ର କେତେକ ସାମାଜିକ କର୍ମୀ ଶତ୍ରୁପାଙ୍କୁ ଉଦ୍ଧାର କରି ପରିଚୟ ଅନୁଷ୍ଠାନ ସହିତ ଯୋଗଯୋଗ କରିଥିଲେ। ସ୍ୱେଚ୍ଛେସେବୀ ରୋହିତ ଜୟଶ୍ୱାଲ, ସଂଘମିତ୍ରା ପଟେଲ, ହେମାନନ୍ଦ ଦେହୁରୀଙ୍କ ସହାୟତାରେ ମହିଳାଙ୍କୁ ଉଦ୍ଧାର କରାଯାଇଥିଲା। କିଛି ମାସ ଅସହାୟ କେନ୍ଦ୍ରରେ ରଖା ଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ମାନସିକ ରୋଗ ଚିକିତ୍ସା ପାଇଁ ମୟୁରଭଞ୍ଜ ସ୍ଥିତ ସୁକାନାଣ୍ଡା ମିଶନାରୀ ଅଫ ଚ୍ୟାରିଟି ସଂସ୍ଥାରେ ଶତ୍ରୁପାଙ୍କୁ ଅନୁଷ୍ଠାନ ପକ୍ଷରୁ ନେଇ ଭର୍ତ୍ତି କରାଯାଇଥିଲା। ପ୍ରାୟ ୪ ମାସ ଚିକିତ୍ସା ହେବା ପରେ ଶତ୍ରୁପା ମାନସିକ ରୋଗରୁ ମୁକ୍ତି ପାଇଥିଲେ। ସେ ସୁସ୍ଥ ହେବା ପରେ ସ୍ୱାମୀଙ୍କ ପରିଚୟ ଦେଇଥିଲେ।